


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୦ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 October 2025

Vol.No. 36 ■ No.276 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



**ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ**



ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ପବିତ୍ର କାଳୀପୂଜା ଓ ଦୀପାବଳି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଅନ୍ଧାରରୁ ଆଲୋକ ଆଡ଼କୁ ଗତି କରିବା ଆମ ସମସ୍ତଙ୍କର ଧର୍ମ ହେଉ, ଏହାହିଁ କାମନା।

ଯଶୋଦାନନ୍ଦନ ଆସ୍

ସମାଜସେବୀ, ବାଲେଶ୍ୱର


# ଆମେରିକାରେ ଟ୍ରମ୍ପଙ୍କୁ ବିରୋଧ



ନୂଆଦିଲ୍ଲୀ,୧୯/୧୦ : ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି ବିରୋଧରେ ପ୍ରତିବାଦ। ୱାସିଂଟନ ଡିସି, ନ୍ୟୁୟର୍କ, ଚିକାଗୋ ଏବଂ ଲସ୍ ଆଞ୍ଜେଲସ୍ ସମେତ ଆମେରିକାର ବିଭିନ୍ନ ସହରରେ ଲକ୍ଷ ଲକ୍ଷ ଲୋକ ଗତକାଲି ଏକାଠି ହୋଇଥିଲେ । ଲୋକମାନେ ନୋ କିଙ୍ଗ୍‌ସ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ । ନୋ କିଙ୍ଗ୍‌ସ୍ ନାମକ ଏହି ପ୍ରଦର୍ଶନର ପ୍ରଭାବ ଅନେକ ସ୍ଥାନରେ ଦେଖିବାକୁ ମିଳିଥିଲା । ସଟ୍ ଡାଉନ ଓ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ଏକଛତ୍ରବାଦକୁ ଲୋକମାନେ ନିନ୍ଦା କରିବା ସହ ବିରୋଧ କରିଥିଲେ । ଲୋକଙ୍କ ହାତରେ ଟ୍ରମ୍ପ ବିରୋଧୀ ସ୍ଲୋଗାନ ଲେଖାଥିବା ବ୍ୟାନର ଥିଲା । ବୋଷ୍ଟନ, ଆଟଲାଣ୍ଟା ଏବଂ ଚିକାଗୋରେ ମଧ୍ୟ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ । ଲୋକମାନେ ୱାସିଂଟନ ଏବଂ ଲସ୍ ଆଞ୍ଜେଲସରେ ଶୋଭାଯାତ୍ରା କରିଥିଲେ । ତେବେ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ପାର୍ଟି ଏହି ପ୍ରତିବାଦକୁ ହେଟ୍ ଆମେରିକା ରାଲି ବୋଲି କହିଛି । ଟ୍ରମ୍ପ୍ ଚଳିତବର୍ଷ ଶପଥ ଗ୍ରହଣ କରିବା ପରେ ଏହା ତୃତୀୟ ବଡ଼ ଗଣ ପ୍ରଦର୍ଶନ ।

## ଆଜି ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର : ପ୍ରଭାବରେ ହେବ କିଛି ସ୍ଥାନରେ ବର୍ଷା



ଭୁବନେଶ୍ୱର, ୧୯/୧୦ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ କାଁ ଭାଁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି । ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି ଗଞ୍ଜାମ ଜିଲ୍ଲାରେ । ୬୧.୨ ମିଲିମିଟର ରେକର୍ଡ କରାଯାଇଛି । ବର୍ତ୍ତମାନ ଗୋଟିଏ ଘୂର୍ଣ୍ଣିବଳୟ ଦକ୍ଷିଣ ଆଣ୍ଡାମା ସାଗର ଓ ପାଖାପାଖି ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ରହିଛି । ସମୁଦ୍ର ପତ୍ତନଠାରୁ ଏହାର ଉଚ୍ଚତା ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରହିଛି । ଏହାର ପ୍ରଭାବରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ୨୧ ତାରିଖ ପାଖାପାଖି ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହାର ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହୋଇ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଭାଗରେ ଏବଂ ତା ପାଖାପାଖି ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାଖାପାଖି ରହିବ । ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବରେ ନାହିଁ। ଓଡ଼ିଶାରେ କାଁ ଭାଁ ଜାଗାରେ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଅଳ୍ପ କିଛି ଜାଗାରେ ବର୍ଷା ହୋଇପାରେ । ଆଗାମୀ ୨୪ ଘଣ୍ଟା ପାଇଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଝଟକା ପବନ ୩୦ରୁ ୪୦ କିଲୋମିଟର ଭିତରେ ରହିପାରେ । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ,କଳାହାଣ୍ଡି, କୋରାପୁଟ ଏବଂ ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ବି ବର୍ଷିପାରେ । କାଲି ପାଇଁ ପାଗର ସ୍ଥିତି ସମାନ ରହିବ । କାଁ ଭାଁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ , ୨୧ ତାରିଖରେ ବି ସ୍ଥିତି ସମାନ ରହିବ । ୨୦ ତାରିଖରେ ଉତ୍ତର ଓଡ଼ିଶାରେ ପାଗ ଶୁଖିଲା ରହିବ ।

## ଆଜି ନାମାଙ୍କନ ଭରିବେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ

ନୂଆପଡ଼ା, ୧୯/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ଚାଲିଛି ନାମାଙ୍କନ ଦାଖଲ ପ୍ରକ୍ରିୟା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଜି ଭରିବେ ନାମାଙ୍କନ । ନିଜର ଦଳୀୟ କର୍ମୀ ଓ ସମର୍ଥକ ମାନଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିବେ । ସାଙ୍ଗରେ ବିଜେଡିର କିଛି ବିଧାୟକ ଉପସ୍ଥିତ ରହିପାରନ୍ତି । ଗତକାଲି ପ୍ରାର୍ଥୀପତ୍ର ଦାଖଲ କରିଥିଲେ ଉଭୟ ବିଜେପି ଓ କଂଗ୍ରେସ । ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆସନ୍ତାକାଲି ନାମାଙ୍କନ ଦାଖଲର ଶେଷଦିନ ରହିଛି । ଏହାପରେ ଉପନିର୍ବାଚନ ପାଇଁ ଜମିବ ପ୍ରଚାର । ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡିର ପ୍ରଚାରରେ ଉଠୁଛି ପଡୁଛି ପୂରା ଅଞ୍ଚଳ ।

▶▶ପୃଷ୍ଠା ୭

## ରାଜଧାନୀରେ ଝାଡଖଣ୍ଡି ନାବାଳିକା ଦୁଷ୍କର୍ମ ମାମଲା: ୪ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ

ଭୁବନେଶ୍ୱର, ୧୯/୧୦ (ନି.ପ୍ର): ରାଜଧାନୀରେ ଝାଡଖଣ୍ଡି ନାବାଳିକା ଦୁଷ୍କର୍ମ ମାମଲାରେ ୪ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ । ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଦଲାଲ ଓ ଘର ମାଲିକଙ୍କୁ ଗିରଫ କରିଛି ପୁଲିସ । ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଛାଡି ଦେଇ ଯାଇଥିଲେ ମୁଖ୍ୟ ଅଭିଯୁକ୍ତ । ହସ୍ପିଟାଲରେ ଦିଆଯାଇଥିବା ଫୋନ୍ ନମ୍ବର ଅଧାରରେ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଛି। ଜେରା ପରେ ପୂରା ସତ ସାମ୍ନାକୁ ଆସିଛି । ଗିରଫ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛନ୍ତି ପୀଡିତା । ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଲଗାଇଛି ପୁଲିସ । ଏହାସହ ଝାଡଖଣ୍ଡ ପୋଲିସ ସହ ଯୋଗାଯୋଗ କରାଯାଇଥିବା କହିଛନ୍ତି ପୋଲିସ କମିସନର। ଜଣେ ୧୬ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୮ଟା ବେଳେ ଅଶୋକନଗରରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ ନାବାଳିକା ଜଣକ । କିଛି ଲୋକ ଜନପଥ କଡ଼ରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେବା ସହ ପୁଲିସକୁ ଖବର ଦେଇଥିଲେ।

▶▶ପୃଷ୍ଠା ୭

## ବୃତ୍ତି ପାଉଥିଲେ ମିଳିବନି 'ସୁଭଦ୍ରା'



ଭୁବନେଶ୍ୱର, ୧୯/୧୦ (ନି.ପ୍ର): ସୁଭଦ୍ରାକୁ ନେଇ ଆସିଲା ବଡ଼ ଖବର । ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ । କୌଣସି ଛାତ୍ରୀଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି ? ଯଦି ଆପଣ ଏପରି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ ପଡ଼ିବେ । ଏନେଇ ଦୁଇ ବିଭାଗରୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ ବିକାଶ ବିଭାଗ । ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ । 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ ତେବେ ସେ କ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ । ଏନେଇ ବିଭାଗକୁ ଅନେକ ଅଭିଯୋଗ ମିଳିଛି । ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ ଦିଆଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି । ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆ ଯାଇପାରୁନାହିଁ । ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଅଯୋଧ୍ୟାରେ ଏକା ସାଙ୍ଗରେ ଜଳିବ ୨୬ ଲକ୍ଷ ଦୀପ



ନୂଆଦିଲ୍ଲୀ,୧୯/୧୦ : ଦୀପାବଳି ଅବସରରେ ରାମନଗରୀ ଅଯୋଧ୍ୟା ପୁଣି ଏକ ନୂଆ ରେକର୍ଡ ସୃଷ୍ଟି କରିବାକୁ ଯାଉଛି । ଆଜି ଅଯୋଧ୍ୟାକୁ ଏକାସାଙ୍ଗରେ ୨୬ ଲକ୍ଷରୁ ଅଧିକ ଦୀପରେ ଆଲୋକିତ କରାଯିବ । ଏଥିପାଇଁ ରାମଙ୍କ ପୀଠ ଓ ଚୌଧୁରୀ ଚରଣ ସିଂହ ଘାଟ ସମେତ ୫୬ଟି ପ୍ରମୁଖ ଘାଟରେ ପ୍ରସ୍ତୁତି କରାଯାଇଛି । ଦୀପାବଳି ପାଇଁ ସଜେଇ ହୋଇଛି ସାରା ସହର । ଦୀପୋତ୍ସବ ପାଇଁ ବିଭିନ୍ନ ସାଂସ୍କୃତିମ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା କରାଯାଇଛି । ସେହିପରି ଦୀପୋତ୍ସବରେ ଲେଜର ସୋ' ଆୟୋଜନ କରାଯାଇଛି । ଏଥିର ୟୁପି ସହିତ ଅନେକ ରାଜ୍ୟର ସଂସ୍କୃତିର ଝଲକ ଦେଖିବାକୁ ମିଳିବ । ଲେଜର ସୋ'ରେ ରାମଙ୍କ ଜୀବନର ଝଲକ ଦେଖିବାକୁ ମିଳିବ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ଦୀପୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ୨୫ ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଦୀପୋତ୍ସବରେ ପୁଣିଥରେ ବିଶ୍ୱ ରେକର୍ଡ କରିବେ ।

▶▶ପୃଷ୍ଠା ୭


DADLS : 58



### ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ। ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR: 15001/13/1235/2526

DADLS : 58





### ପବିତ୍ର ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ। ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ। ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1239/2526




ଉତ୍କଳାନନ୍ଦ ଅଜୟ କୁମାର ବେହେରା


## ଦୀପାବଳି



ଦୀପାବଳି ଏକ ଭାରତୀୟ ପର୍ବ । ଏହା ଆଲୁଅର ପର୍ବ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ନାନାଦି କାରଣ ହେତୁ ଅକ୍ଟୋବରର ଅଧାରୁ ଡିସେମ୍ବର ଅଧା ଭିତରେ ପଡ଼ିଥାଏ । ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ ଯାହା ଘରେ ନାନାଦି ପାରମ୍ପରିକ ଢ଼ଙ୍ଗରେ ପାଳନ କରାଯାଇଥାଏ ।

ଜୈନ : ଜୈନ ଅନୁଗାମୀମାନଙ୍କ ପାଇଁ ଏହା ୫୨୭ରେ ମହାବୀରଙ୍କର ମୋକ୍ଷ ବା ନିର୍ବାଣ ପ୍ରାପ୍ତିର ଦିନ ଭାବରେ ପାଳନ କରାଯାଇଥାଏ । ଜୈନ ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହି ଦିବସକୁ ପାଳନ କରିଥାନ୍ତି । ଏ ସମ୍ପର୍କରେ ଗୋଟିଏ କାହାଣୀ ରହିଛି । ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କ ପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ହୋଇଥିଲେ ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କିଏ ଆଉ ଜ୍ଞାନାଲୋକ ଦେବ, ଏହା ହିଁ ସେମାନେ ଚିନ୍ତାକଲେ । ସେମାନେ ସମସ୍ତେ ଏକତ୍ରିତ ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ । ସେହିଦିନରୁ ଦୀପାବଳି ଦିନ ଆଲୋକ ଜଳିବାର ଚାଲିଆସୁଛି । ଖ୍ରୀଷ୍ଟପୂର୍ବ ୫୨୭ରେ ମହାବୀରଙ୍କୁ ଏହି ଦିନରେ ନିର୍ବାଣ ପ୍ରାପ୍ତି ହୋଇଥିଲା । ସେହିଦିନକୁ ସ୍ମରଣ କରିବା ପାଇଁ ଜୈନମାନେ ଦୀପାବଳି ପାଳନ କରନ୍ତି । ଏହି ଅବସରରେ ଦୀପ ଜଳାଯାଏ ଏବଂ ମିଷ୍ଟାନ୍ନ ବଣ୍ଟାଯାଏ । ଜୈନ ବ୍ୟବସାୟୀମାନେ ହିସାବଖାତା ଏବଂ ମୁଦ୍ରା ପୂଜା କରନ୍ତି । ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ । ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ। ସେମାନେ ଉପବାସ କରନ୍ତି ଜପତପ କରନ୍ତି । ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ । ଜୈନ ଧର୍ମାବଲମ୍ବୀଙ୍କ ଭଗବାନ ମହାବୀରଙ୍କ ନିର୍ବାଣ ପ୍ରାପ୍ତି ଦିବସ ଓ ଭଗବାନ ମହାବୀରଙ୍କ ଉତ୍ତରାଧ୍ୟାୟନ ସୂତ୍ର-ଶେଷ ପ୍ରବଚନ ପାଠର ମହାର୍ଘ୍ୟତିଥି ଭାବେ ଉତ୍ସାହର ସହିତ ଦୀପାବଳି ଉତ୍ସବ ପାଳନ କରାଯାଏ ।

ଶିଖ : ଏକଦଶଦର୍ଶୀ ମୋଗଲ ସମ୍ରାଟ ଔରଙ୍ଗଦେବଙ୍କ ଦ୍ୱାରା ଶିଖ୍ ଧର୍ମର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ବନ୍ଦୀ ହୋଇ କାରାକୋଠରୀରେ ଆବଦ୍ଧ ହୋଇଥିଲେ । ଅଗଣିତ ଶିଖ୍ ଧର୍ମାବଲମ୍ବୀଙ୍କ ଦୃଢ଼ବିରୋଧ ଯୋଗୁଁ ପରିଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତକରିବା ପାଇଁ ସେତେବେଳେ ସ୍ୱର୍ଣ୍ଣ ମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳି ଦିନ କାରାମୁକ୍ତ ହୋଇଥିବାରୁ, ଏହି ଦିନଟିକୁ ଅନ୍ଧାରରୁ ଆଲୋକ ସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳି ଆସୁଛନ୍ତି । ପାରମ୍ପରିକ ଭାବେ ଏହି ଦିନରେ ଶିଖମାନେ ଗୋଇନ୍ଦଲ ସାହିବ ଗୁରୁଦ୍ୱାରକୁ ତୀର୍ଥକରି ଯାଆନ୍ତି । ଏହି ଦିନଟିକୁ ଶିଖମାନଙ୍କ ପାଇଁ ଷଷ୍ଠଧର୍ମଗୁରୁଙ୍କ ସଂସ୍କରଣ ବନ୍ଦୀଛୋଡ଼ ଦିବସ ରୂପେ ପାଳନ କରାଯାଏ ।

ପୌରାଣିକ : କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀରେ ଦୀପାବଳି ଉତ୍ସବ ପାଳନ କରାଯାଏ । ଏହି ପର୍ବ ପ୍ରାୟ ସମସ୍ତେ ପାଳନ କରନ୍ତି ଘରେ ଘରେ ସେ ଦିନ ଦୀପ ଜଳେ, ବାଣ ଫୁଟାଯାଏ । ଶ୍ରାଦ୍ଧ କରାଯାଏ । ପିଠାପଣା ହୁଏ । ଦୀପାବଳି ଉତ୍ସବ ପାଳନ ବିଷୟରେ ନାନା ପ୍ରକାର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳି ଅମାବାସ୍ୟାକୁ ଲୋକୋକ୍ତିରେ ପୟାଅମାବାସ୍ୟା କହନ୍ତି ।

ରାମାୟଣ : ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହି ଦିନଟିକୁ ବହୁ ଯାକଜମକରେ ପାଳନ କରନ୍ତି । ଉତ୍ସବ ତତ୍ତ୍ୱାଭିଧାନ ଅନୁଯାୟୀ ଏକଦା କାର୍ତ୍ତିକ (ତୁଳା) ମାସ - ଘନ ଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନ କରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ । ସତର୍କତାପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜ୍ୱଳଆଲୋକ ପ୍ରଜ୍ଜ୍ୱଳନ କରାଯାଇଥିଲା ଏବଂ କାଳସର୍ପ ଦଂଶନର ଚକ୍ରାନ୍ତ ପଣ୍ଡ ହୋଇଥିଲା ।

ଦୈତ୍ୟରାଜା ବଳୀ : ଦୈତ୍ୟରାଜା ବଳି ମହାଦାନୀ ଥିଲେ । ସେ ଏପରି ଦାନ କଲେ ଯେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା, କାରଣ ତାଙ୍କର ପୁଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହୋଇପାରନ୍ତି । ଏଣୁ ଦେବତାମାନଙ୍କ କଥା ରକ୍ଷା କରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତାପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଅମାବାସ୍ୟା ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି । ଭଗବାନ ବିଷ୍ଣୁ ଭକ୍ତ ପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଯାଚିବାରୁ ସେ ବିନୀତ ଭାବେ ପ୍ରତ୍ୟାଖ୍ୟାନ କରିବାରୁ, ତାଙ୍କର ନାତି ବଳୀରାଜାଙ୍କୁ ଏହିଦିନ ଇନ୍ଦ୍ରପଦ ପ୍ରଦାନ କରିଥିଲେ । ତେଣୁ ଦାନବଗଣ ଦୀପଜଳାଇ, ବାଣ, ଆତସବାଜି ଫୁଟାଇ ଉତ୍ସବ ପାଳିଥିଲେ । ବିରୋଚନ ପୁତ୍ର ବଳି ଇନ୍ଦ୍ର ଓ ମରୁତଗଣଙ୍କୁ ପରାସ୍ତ କରି ତ୍ରିଭୁବନ ଜୟକରି ପ୍ରଜାପାଳନ କରୁଥିଲେ । ଦାନ ପାଇଁ ସେ ପ୍ରସିଦ୍ଧ ଥିଲେ ଏବଂ ଯେ ଯାହା ମାଗୁଥିଲେ ତାହା ଦାନ କରୁଥିଲେ । ତାଙ୍କର ବିକ୍ରମ ଓ ଦାନର ପ୍ରଭାବରେ ସେ ଇନ୍ଦ୍ର ଓ ଦେବତାମାନଙ୍କୁ ନିଷ୍ପ୍ରଭ କରିବାକୁ ବସିଲେ । ଏଥିରେ ଇନ୍ଦ୍ର ଓ ଦେବଗଣ ଭୟଭୀତ ହେଲେ । ବଳି ଏକ ପ୍ରସିଦ୍ଧ ଯଜ୍ଞ କଲେ । ଏହି ଯଜ୍ଞ ଶେଷ ହେଲେ ଇନ୍ଦ୍ର ଓ ଦେବଗଣଙ୍କର ସମସ୍ତ ଶକ୍ତି ଓ ତେଜ ଚାଲିଯିବ । ଏହାର ଆଶୁ ନିରାକରଣ ପାଇଁ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନିଲୋକ ପ୍ରାପ୍ତ ହେଲେ ଦାନପ୍ରଦାନ ଛଳରେ ମାୟାବୀବିଷ୍ଣୁ ଗର୍ବୀବଳିଙ୍କୁ ତୃତୀୟ ପାଦରେ ପାତାଳ ଚାପି ଦେଲେତ୍ଥା ଦେଲେ ଯେ ବଳି ବର୍ଷରେ ଥରେ ପୃଥ୍ୱୀଲୋକକୁ ଆସିପାରିବ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦ ଉଲ୍ଲାସରେ ପ୍ରଦୀପ ଜାଳି ତାଙ୍କୁ ସମ୍ବର୍ଦ୍ଧିତ କରିବେ । ସେହି ଆଲୋକ ସମ୍ବର୍ଦ୍ଧନା କାଳକ୍ରମେ ଦୀପାବଳି ଉତ୍ସବରେ ରୂପାନ୍ତରିତ ହେଲା ।

ଶ୍ରୀକୃଷ୍ଣ ଓ ନରକାସୁର : ଶ୍ରୀକୃଷ୍ଣ ଓ ଅତ୍ୟାଚାରୀ ନରକାସୁରକୁ ମାରିବା ଫଳରେ ଦେବ ଲୋକରେ ଶାନ୍ତି ପ୍ରତିଷ୍ଠା ହୋଇଥିଲା । ଅମାବାସ୍ୟା ଦିନ ନରକାସୁର ବଧ ହୋଇଥିବାରୁ ଖୁସିରେ ଆଲୋକର ଉତ୍ସବ ପାଳିତ ହୋଇଥିଲା । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠିସହସ୍ର ରାଜକନ୍ୟାଙ୍କୁ ଉଦ୍ଧାର କଲା ପରେ ଇନ୍ଦ୍ରମାତାଙ୍କୁ ନରକା ଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ । ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତା ବାଧାଦେବାରୁ ଏକାକି ସବୁ ଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହି ଦିବସରେ ଦ୍ୱାରକା ଫେରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ର ନଗରୀକୁ ଦୀପମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ ।

ଋକ ଦେବ : ଋକ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡ଼ି ରହିଥିଲା । କାଳକ୍ରମେ ସୂର୍ଯ୍ୟଙ୍କ କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ । ଇତିହାସ : ମୋଗଲ ଯୁଗର ପ୍ରସିଦ୍ଧ ଐତିହାସିକ ଆବୁଲ ଫଜୀଲ ତାଙ୍କର ଆଇନ ଆକବରୀରେ ମୋଗଲ ଶାସନକାଳୀନ ବଣିକ, ଆଲୋକ ଜ୍ୱଳନ୍ତ ଓ ଅକ୍ଷକ୍ରୀଡ଼ା ନାମକ ଦୀପାବଳି ଆଧାରିତ ମନୋଜ୍ଞ ଉପକଥାର ଉଲ୍ଲେଖ କରିଛନ୍ତି । ଆଲବରୁଣୀରେ ମୋଗଲ ସମ୍ରାଟଙ୍କ ଲମ୍ବା ବାଉଁଶ ପୋତି ତାର ଆଗରେ ଶିକାରେ ଆକାଶଦୀପ ଜାଳିବାକଥା ବରୋଦା ସଂଗ୍ରହାଳୟରେ ରଖାଯାଇଥିବା ପ୍ରାଚୀନ ଆକାଶ ପ୍ରଦୀପ ଅତୀତରେ ଦୀପାବଳି ପାଳନ କରାଯାଉଥିବାର ପ୍ରମାଣ ଦିଏ । ଚାଣକ୍ୟ ଓ ଚୋଳବଂଶକାଳୀନ ଉତ୍ସବ ପରମ୍ପରାରେ ଦୀପାବଳି ପାଳନ ହେଉଥିବାର କନୌଜବଂଶୀୟ ରାଜା ହର୍ଷବର୍ଦ୍ଧନଙ୍କ କାଳଜୟୀ ଅମରକୃତି ନାଟକ ନାଗାନନ୍ଦରୁ ଜଣାପଡ଼େ । ଗୁପ୍ତବଂଶୀୟ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ, ପବିତ୍ର ଦୀପାବଳି ତିଥିରେ ସିଂହାସନ ଆରୋହଣ କରିଥିବାରୁ ତାର ସ୍ମାରକୀ ରୂପେ ଦୀପାବଳି ଦିନଠାରୁ ଗୁପ୍ତାବ୍ଦର ପ୍ରଚଳନ ହୋଇଥିଲା ।

ବିଶେଷ ପୟାଶ୍ରାଦ୍ଧ : ଏହି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦେଇ ସାରି କାଉଁରିଆ କାଠି ଜାଳନ୍ତି । କାଉଁରିଆ କାଠି ଜାଳିବା ବେଳେ ଉଚ୍ଚାରଣ କରନ୍ତି । 'ବଡ଼ ବଡୁଆ ହୋ, ଅନ୍ଧାରେ ଆସ ଆଲୁଅରେର ଯାଅ' ପୁରୁଷୋତ୍ତମ ମହାପ୍ରସାଦ ଖାଇ ବାଇଶି ପାବଛରେ ବଡ଼ଗଡାଉ ଥାଅ । ପିତୃପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକରୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି । ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି । ପିତୃ ଲୋକଂ ପରିତାଜ୍ୟ ଆଗତା ଯେ ମହାଳୟେ, ଇଜ୍ଜଳେ ଜ୍ୟୋତିଷାଂ ମାର୍ଗେ ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ । କାର୍ତ୍ତିକ ପୂର୍ଣ୍ଣିମାରେ ଜଗନ୍ନାଥଙ୍କୁ ଦୀପଦାନ କରାଯାଇ ବନ୍ଦାପନା କରାଯାଏ । ଯେଉଁ ଭକ୍ତ ଦୀପଦାନ, ବନ୍ଦାପନା ଦର୍ଶନ କରନ୍ତି, ସେ ଅନ୍ତ କାଳରେ ବିଷ୍ଣୁ ଲୋକକୁ ଗମନ କରନ୍ତି ବୋଲି ବିଶ୍ୱାସ ରହିଛି ।


'ବରେଣ୍ୟବାଣୀ'
ପି.ସି.ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ-୧୨


## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ କୃଷ ପରାମର୍ଶ

୧. ସିଏମ କିଷାନ ଯୋଜନା ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା । ଏହି ଯୋଜନାରେ ସାମିଲ ହେବା ପାଇଁ ବାଦ୍ ରହିଯାଇଥିବା କ୍ଷୁଦ୍ର ନାମମାତ୍ର ଏବଂ ଭୂମିହୀନ ଚାଷୀ ଭାଇ ଓ ଭଉଣୀ ମାନେ ସିଏମ କିଷାନ ପୋର୍ଟାଲରେ ଆବେଦନ କରିପାରିବେ ।

୨. ସିଏମ କିଷାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

୩. ପିଏମ କିଷାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

୪. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

୫. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ୍ ଥିରାମରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ ।

୬. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜୀକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ ।

୭. ପ୍ରାକୃତିକ ଦୁର୍ବିପାକଦାଉରୁ ଫସଲ କ୍ଷୟକ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କରାନ୍ତୁ । ଏଥିପାଇଁ ନିକଟସ୍ଥ ସେବା ସମବାୟ ସମିତି/ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ ବୀମା କମ୍ପାନୀ ଏଜେଣ୍ଟ / ଗ୍ରାମ୍ୟକୃଷି କର୍ମଚାରୀ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। (ଋଣୀ ଏବଂ ଅଣଋଣୀ ଚାଷୀଙ୍କ ନିମନ୍ତେ)

୮. ଫସଲରେ ଉତ୍ପାଦନ ବୃଦ୍ଧି ନିମନ୍ତେ ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରନ୍ତୁ ।

୯. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପାରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (**M K UY** )ରେ ଅନ୍ତର୍ଭୁକ୍ତ ହେବା ପାଇଁ ଆପିକଲର ୱେବସାଇଟ **www.apicol.nic.in** ମାଧ୍ୟମରେ ପଞ୍ଜୀକରଣ କରନ୍ତୁ। ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀ ମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ ଜନଜାତି/ ମହିଳା ଉଦ୍ୟୋଗୀ/ ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁସଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ/ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୦. 'ବଳରାମ' ଯୋଜନାରେ ଭାଗଚାଷୀ ମାନେ ମିଳିତ ଦେୟ ଗୋଷ୍ଠୀ (**JLG**) ଗଠନ କରି **NABARD** ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଂଚଳରେ କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୧. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇଦିଆ ଯାଉଅଛି । **ATMA** ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ **REVOLVING FOUND** ର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୨. ସମନ୍ୱିତ କୃଷି ପ୍ରଣାଳୀ (**IFS**) ଯୋଜନାରେ କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହା ବାବଦରେ ସରକାରୀ ରିହାତି ପାଇବା ନିମନ୍ତେ ଚାଷୀ ମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

୧୩. କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ର / ମୋ ସେବା କେନ୍ଦ୍ର ଠାରେ **FARMER REGISTRY** କୃଷକ ଓଡିଶା ଓ ଗୋ-ସୁଗମ ପୋର୍ଟାଲରେ ନାମ ପଞ୍ଜିକରଣ କରାଇନିଅନ୍ତୁ ।

୧୪. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ ଟୋଲ ଫ୍ରି ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ବାଲେଶ୍ୱର




ଅକ୍ଷୟ କୁମାର ରାଉତ


## ଦୀପାବଳି

ପ୍ରାଚୀନ କାଳରୁ ଆମର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ଆସିଛି । ଏହି ସ୍ୱତନ୍ତ୍ରତା ମଧ୍ୟରେ ପରିଲକ୍ଷିତ ହୁଏ ଆମର ପର୍ବପର୍ବାଣି, ପର୍ବ ପର୍ବାଣୀକୁ ଛାଡିଦେଇ ଆମର ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକତାର ବୈଭବକୁ ମାପିବା ଅସମ୍ଭବ । ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ମୁନି ଋଷିମାନେ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣୀ । ତାହା ମଧ୍ୟରୁ ଦୀପ ବା ପ୍ରଦୀପ ପ୍ରଜ୍ୱଳନ ଶୁଭର ପ୍ରତୀକ ଦୀପାବଳୀ । ଦୀପମାନଙ୍କର ସମୂହ ପଂକ୍ତି ଜାଳି ଯେଉଁ ଉତ୍ସବ କାର୍ତ୍ତିକ ଅମାବାସ୍ୟାରେ ପାଳିତ ହୁଏ ତାହା 'ଦୀପାବଳୀ' । ହିନ୍ଦୁ ମାନଙ୍କର ସବୁ ପର୍ବ ସହିତ ରହିଛି ପୌରାଣିକ, ଆଧ୍ୟାତ୍ମିକ, ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଜନଶ୍ରୁତି ।

ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ଘଟଣା ସହିତ ଦୀପାବଳୀ ଉତ୍ସବ ସଂଶ୍ଳିଷ୍ଟ । ଅଯୋଧ୍ୟାବାସୀ ନିଜର ରାଜ୍ୟକୁ ସୁସଜ୍ଜିତ କରି ଦୀପଜାଳି ରାମ-ଲକ୍ଷ୍ମଣ-ସୀତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଭବ୍ୟ ସମ୍ବର୍ଦ୍ଧନାର ସ୍ମାରକୀ ହେଉଛି ଦୀପାବଳୀ । ଏହିଦିନ ନୃସିଂହ ରୂପେ ନାରାୟଣ ହିରଣ୍ୟ କଶ୍ୟପକୁ ବଧ କରି ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ । ସମୁଦ୍ର, ମନ୍ଥନରୁ ଲକ୍ଷ୍ମୀ ଦୀପାବଳୀ ଦିନ ସମ୍ଭୂତା ହୋଇଥିଲେ । ସେଥିପାଇଁ ଏହି ଦିନ ଲକ୍ଷ୍ମୀପୂଜା ମଧ୍ୟ କରାଯାଏ । କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ସହ କାଳୀପୂଜାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଆସୁଛି । ଦୁର୍ଗତିନାଶିନୀ ମହାମାୟା ମହାଚଣ୍ଡୀଙ୍କର ଦଶ ରୂପ ହେଉଛି କାଳୀ, ତାରା, ଭୁବନେଶ୍ୱରୀ, ଷୋଡ଼ଶୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା । ନୃମୁଣ୍ଡମାଳିନୀ, କରାଳ ବଦନା କାଳୀ ସମସ୍ତ ଦାନବୀୟ ଗୁଣକୁ ନାଶ କରି କାଳରାତ୍ରୀ ରୂପେ ଅନ୍ଧାରକୁ ଦୂରେଇ ଆଲୋକ ପ୍ରଦାନ କରିଥାଆନ୍ତି । ସେଥିପାଇଁ ଆମେ କାଳି ପୂଜା କରିଥାଉ । ଦୀପାବଳୀ ଦିନ ବାମନଙ୍କ ଦୟାରୁ ସପ୍ତ ପାତାଳରେ ବଳିରାଜା ଦ୍ୱାରା ବନ୍ଦିନୀ ଲକ୍ଷ୍ମୀ ଅନ୍ୟ ଦେବତା ମାନଙ୍କ ସହିତ ମୁକ୍ତି ଲାଭ କରିଥିଲେ ।

ରାଜାବଳୀ କାର୍ତ୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧ ରାତ୍ରିରେ ପୃଥିବୀ ଭ୍ରମଣ କରିବାକୁ ବାମନଙ୍କଠାରୁ ଅନୁମତି ପାଇଥିଲେ । ବଳିଙ୍କ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷରେ ଥରେ ବଳିଙ୍କୁ ପାଇ ଖୁସିରେ ଦୀପ ଜାଳି ସ୍ୱାଗତ କରିଥାଆନ୍ତି । ଦୀପାବଳୀରେ ଶ୍ରୀକୃଷ୍ଣ ନରକାସୁରକୁ ବିନାଶ କରି ଷୋଳ ହଜାର କନ୍ୟାକୁ ମୁକ୍ତି ପ୍ରଦାନ କରିଥିଲେ । ଏଥିପାଇଁ ଜନସାଧାରଣ ଖୁସିରେ ନରକୋତ୍ସବ ପାଳନ କରିଥାଆନ୍ତି । ଦୀପାବଳୀକୁ ଜୈନମାନେ "ଯକ୍ଷ ରାତ୍ର ଉତ୍ସବ " ଭାବେ ପାଳନ କରିଥାନ୍ତି । ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରି ଗୁପ୍ତାବ୍ଦ ପ୍ରଚଳନ କରିଥିଲେ । ହର୍ଷ ବର୍ଦ୍ଧନ ମଧ୍ୟ ଦୀପାବଳୀ ପାଳନ କରୁଥିବାର ପ୍ରମାଣ ମିଳେ । ଜୈନ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଏହି ଦିନ ନିର୍ବାଣ ଲାଭ କରିଥିଲେ । ଶିଖ୍ ଗୁରୁ ହର ଗୋବିନ୍ଦ ସିଂହକୁ ଆଉରଙ୍ଗଜେବ ଏହିଦିନ କାରାଗାରରୁ ମୁକ୍ତ କରିଥିଲେ ।



ଦୀପାବଳୀ ଦିନ ରାତ୍ରିରେ ପ୍ରତି ଘରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ପାଳନ ହୁଏ । ଶ୍ରାଦ୍ଧ ସହିତ ଜ୍ୱଳନ୍ତ ବଳିତା, କାଉଁରିଆ କାଠିରେ ଆଲୋକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଏ । ସେହି ସମୟରେ ଲୋକମାନେ ଉଚ୍ଚ ସ୍ୱରରେ ଗାଆନ୍ତି " ବଡ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ" । ଗଙ୍ଗା ଯାଅ ଗୟା ଯାଅ, କାଶୀ ଯାଅ, ପୁରୁଷୋତମରେ ମହା ପ୍ରସାଦ ଖାଇ ବାଇଶି ପାହାଚରେ ଗଡ ଗଡଉ ଥାଅ" ।
ଦୀପାବଳୀ ଦିନ ମହାକାଳୀଙ୍କ ପୂଜା ସହିତ ଲକ୍ଷ୍ମୀ-ଗଣେଶଙ୍କ ପୂଜା କରାଯାଇଥାଏ । ଏହିଦିନଲୋକମାନେ ନୂଆ ପୋଷାକ ପରିଧାନ କରିଥାଆନ୍ତି । ରାତ୍ରରେ ଆଲୋକ ସଜ୍ଜା ସହିତ ବାଣ ଫୁଟାଯାଏ । ଏପରିକି ଲୋକମାନଙ୍କ ମଧ୍ୟରେ ବାଣ ପ୍ରତିଯୋଗୀତା ଆରମ୍ଭ ହୋଇଯାଏ । ଆଜିକାଲି ପରିବେଶ ସୁରକ୍ଷା ଓ ଶବ୍ଦ ପ୍ରଦୂଷଣ ରକ୍ଷା ପାଇଁ ବାଣ ଫୁଟାଇବା ଉଚିତ୍ ନୁହେଁ । ବର୍ଷା ଋତୁରେ ଜନ୍ମିତ କୀଟ ପତଙ୍ଗ ଦୀପାଲୋକରେ ନଷ୍ଟ ହୋଇଯାଆନ୍ତି । ଦୀପାବଳୀ ଦିନ ପଶୁ ବଳୀ, ଜୁଆ ଓ ନିଶା ସେବନରୁ ଆମେ ଦୂରେଇ ରହି ଭକ୍ତି ଓ ଶ୍ରଦ୍ଧାରେ ପୂର୍ବ ପୁରୁଷଙ୍କୁ ଦୀପ ଜାଳି ଆଶୀର୍ବାଦ ଭୀକ୍ଷା କରିବା ଉଚିତ୍ । ଦୀପାବଳୀ ଏକ ଜାତୀୟ ପର୍ବ । ଏହି ଆଲୋକର ଉତ୍ସବ ତ୍ୟାଗ, ସଂଗଠନ ଓ ପବିତ୍ର ଭାବର ସନ୍ଦେଶ ପ୍ରଦାନ କରେ । ଆଲୋକ ଅନ୍ଧକାର ଦୂର କରିବା ପରି ଆମ ହୃଦୟରୁ ଅଜ୍ଞାନ ଅନ୍ଧକାର ଦୂର କରିବା ଏହି ପର୍ବର ଲକ୍ଷ୍ୟ । ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୀପାବଳୀ କହେ-

"ଦୀପ ପରି ଜଳି ନର କର ବିଶ୍ୱ ଉପକାର
ହୃଦୟ ତିମିର ନାଶ କରି ହୁଅ ଅଗ୍ରସର ।"


+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

# ତମସୋ ମା ଜ୍ୟୋତିର୍ଗମୟ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୨୦ ଅକ୍ଟୋବର ୨୦୨୫

## ମା'କାଳୀ : "କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି"



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସନାତନ ହିନ୍ଦୁ ଧର୍ମର ପ୍ରମୁଖ ଦେବୀ ହେଉଛନ୍ତି ମା'କାଳୀ । ସେ ହେଉଛନ୍ତି ଶକ୍ତି ସ୍ୱରୂପିଣୀ ମା'ଦୁର୍ଗାଙ୍କ ଭୟଙ୍କର ସ୍ୱରୂପ । ଅସୁରଙ୍କ ବିନାଶ ଉଦ୍ଦେଶ୍ୟରେ ତାଙ୍କର ଉତ୍ପତ୍ତି ହୋଇଥିଲା । ସମଗ୍ର ଭାରତବର୍ଷରେ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ପଶ୍ଚିମବଙ୍ଗ ଏବଂ ଆସାମରେ ମା'ଙ୍କ ପୂଜା ପ୍ରବଳ ଉତ୍ସାହ ଏବଂ ଭକ୍ତିଭାବରେ ଆୟୋଜିତ ହୋଇଥାଏ । ମା'କାଳୀଙ୍କ ବ୍ୟୁତ୍ପତ୍ତି କାଳ ଅଥବା ସମୟ ସହ ହୋଇଛି । କାଳୀ ସମସ୍ତ ଦୁଷ୍ଟ ଶକ୍ତିକୁ ଗ୍ରାସ କରି ନିଅନ୍ତି । ସେ ହେଉଛନ୍ତି, ଦେବୀ ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ ଅନ୍ୟତମ । ଭଗବତୀ ମାତା କାଳୀ ପରମାତ୍ମାଙ୍କ ପରାଶକ୍ତି ଭଗବତୀ ନିରାକାର ହୋଇ ମଧ୍ୟ ପ୍ରତ୍ୟେକ ଯୁଗରେ ଦେବତା ତଥା ସାଧୁସନ୍ଥଙ୍କ ରକ୍ଷା ନିମନ୍ତେ ଅବତାର ଗ୍ରହଣ କରି ଆସିଛନ୍ତି । ତାଙ୍କ ଶରୀର ତାଙ୍କ ଇଚ୍ଛାର ବୈଭବ ବୋଲି କୁହାଯାଏ । ସେ ମହାମାୟା । ତାଙ୍କ ମାୟାର ଗୂଢ଼ ରହସ୍ୟ ଭେଦ କରିବା ଅସମ୍ଭବ । ସମଗ୍ର ବିଶ୍ୱର ସୃଜନ, ପାଳନ ଏବଂ ବିନାଶ ତାଙ୍କରି ହସ୍ତରେ ନିହିତ ରହିଛି । ମା'ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ କାଳୀ ହେଉଛନ୍ତି ପ୍ରଥମା ଶକ୍ତି । ତାଙ୍କର ଅନେକ ରୂପ ରହିଛି । ଯେମିତିକି ମହାକାଳୀ, ଶ୍ମଶାନ କାଳୀ, ଗୃହ୍ୟକାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି । ଏହି ଶକ୍ତିସ୍ୱରୂପିଣୀ ମା'ଙ୍କ ଆରାଧନା କରୁଥିବା ଭକ୍ତର ଅଶେଷ କଲ୍ୟାଣ ସାଧିତ ହୋଇଥାଏ ।

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ। ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା। ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ। ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା। ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ। ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି''। ଏଇ କାଳୀ କିଏ ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ। ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା। ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ। ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ। କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା। ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତ୍ତମ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି। କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ। ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି। କ'ଣ ଗୁଣିତ ହୁଏ। ମା'ଙ୍କର ସତ୍ତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତ୍ତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ। ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ। ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ। ଏହି ଶକ୍ତି ହେଲା ଜୀବନୀ ଶକ୍ତି। ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ। ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି। ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା। ଏହା ହେଉଛି ମା'କାଳୀଙ୍କର ଏକ ରୂପ। ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ। ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ। ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା। ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା। ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ। ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା। ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି। ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ। ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତ୍ତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା'।

ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

ପ୍ରତିରକ୍ତିକ ଓ ଅବସରପ୍ରାପ୍ତ
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ମହାମାୟୀ ମା'କାଳୀ ଓ ସୌଭାଗ୍ୟପ୍ରାପ୍ତିର ମହୋତ୍ସବ ଦୀପାବଳି



ଅଲେଖ ଚନ୍ଦ୍ର ସାମଲ

ମା'କାଳୀଙ୍କ ଗୁଣଗାନ ଶବ୍ଦରେ ନୁହେଁ, ଭାବରେ କରାଯାଏ । ସେ ସୃଷ୍ଟି। ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ସଂଚାଳିକା । ମା'ଙ୍କର ଅନନ୍ତ ରୂପ, ମୂଳତଃ ନଅ ରୂପରେ ପ୍ରସିଦ୍ଧ। ନାମ ଅସଂଖ୍ୟ, ମୂଳତଃ ୧୦୦୮ ନାମରେ ମା' ପ୍ରସିଦ୍ଧ । ଦଶ ମହାବିଦ୍ୟାର ପ୍ରଥମ ଶକ୍ତି ହେଉଛନ୍ତି ମା' କାଳୀ । ମହାକାଳୀ, ଶ୍ମଶାନ କାଳୀ, ଗୁହ୍ୟ କାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି ମା'ଙ୍କର ଅନେକ ରୂପ। ଭଗବତୀ ଶ୍ରୀକାଳୀ ଭକ୍ତର ଦୁଃଖ ଦୂର କରିବା ପାଇଁ ଯୁଗ ଯୁଗରେ ଅବତାର ନେଇଥାନ୍ତି । ମା'ଜଗଦମ୍ବା ହିଁ ମହାମାୟା । ସେ ପରମେଶ୍ୱରୀ । ସତ୍ତ୍ୱ, ରଜ, ତମ ଏହି ତିନି ଗୁଣ ନେଇ ସମୟାନୁସାରେ ସମ୍ପୂର୍ଣ୍ଣ ବିଶ୍ୱର ସୃଜନ, ପାଳନ ଓ ସଂହାର କରିଥାନ୍ତି ।

ମହାକାଳୀ ଏଭଳି ଶକ୍ତି, ଯାହାଙ୍କ ପୂଜା ମାତ୍ରକେ ସମସ୍ତ କଷ୍ଟ ଦୂର ହୋଇଯାଏ । ସ୍ୱୟଂ ଦୁଃଖ-କାଳ ବି ମା'ଙ୍କୁ ଭୟ କରେ । ସେଥିପାଇଁ ମା'ଙ୍କ କ୍ରୋଧ ରୋକିବାକୁ ସ୍ୱୟଂ ଭଗବାନ ଶିବଙ୍କୁ ତାଙ୍କ ସାମ୍ନାକୁ ଆସିବାକୁ ପଡ଼ିଥିଲା । ମା'ଙ୍କୁ ନେଇ ଅନେକ କାହାଣୀ ରହିଛି । ଶାସ୍ତ୍ରରେ ମା'କାଳୀଙ୍କ ଅସ୍ତିତ୍ୱକୁ ନେଇ ଏକ କଥା ରହିଛି । ରକ୍ତବୀଜ ନାମକ ଏକ ଦାନବକୁ ବରଦାନ ଥିଲା - ସେ ଏକରୁ ଅନେକ ହୋଇପାରିବ । କିନ୍ତୁ ସେ ନିଜ ଶକ୍ତିକୁ ନିର୍ଦ୍ଦୋଷ ଲୋକଙ୍କ ଉପରେ ବ୍ୟବହାର କଲା । ତାର ଦୌରାତ୍ମ୍ୟ ବଢ଼ି ଚାଲିଲା । ସର୍ବତ୍ର ହାହାକାର ପଡ଼ିଲା । ତିନିଲୋକ ଉପରେ ରାଜତ୍ୱ ବିସ୍ତାର କରିବାକୁ ଚାହିଁବାରୁ ଦେବଗଣ ତା'ସହ ଯୁଦ୍ଧ କଲେ । କିନ୍ତୁ ରକ୍ତବୀଜର ଗୋଟିଏ ବୁନ୍ଦା ରକ୍ତରୁ ଅନେକ ରକ୍ତବୀଜ ସୃଷ୍ଟି ହେଲେ । ଠିକ୍ ଏହି ସମୟରେ ମା'ଶକ୍ତିଙ୍କ ତ୍ରିଲୋଚନରୁ ମା'କାଳୀଙ୍କର ଆବିର୍ଭାବ ହେଲା । ମା'ଙ୍କ ରୂପ ଦେଖି ଦାନବଙ୍କ ସମେତ ଦେବତାମାନେ ବି ଭୟଭୀତ ହେଲେ । ମା'କାଳୀ ଦାନବଙ୍କର ବଧ ଆରମ୍ଭ କଲେ । କିନ୍ତୁ ରକ୍ତବୀଜ ନିଜ ରକ୍ତରେ ଅସଂଖ୍ୟ ଦାନବ ସୃଷ୍ଟି କରିଚାଲିଲା । ମା'ଶକ୍ତି ଏହା ଦେଖି ମହାକାଳୀଙ୍କୁ ଆହ୍ୱାନ କଲେ - ଦାନବଙ୍କର ଗୋଟିଏ ବୁନ୍ଦା ରକ୍ତ ଧରିତ୍ରୀରେ ପଡ଼ିବା ଉଚିତ ନୁହେଁ । ଦାନବଙ୍କର ଗଣ୍ଡିରୁ ମୁଣ୍ଡ ଅଲଗା କରି ମହାକାଳୀ ସେମାନଙ୍କର ରକ୍ତ ପିଇବା ଆରମ୍ଭ କଲେ । ଏହିଭଳି ଭାବେ ମା'ରକ୍ତବୀଜକୁ ବଧ କଲେ । ତା'ପରେ ବି ମା'ଶାନ୍ତ ହେଲେ ନାହିଁ । ମା'ଙ୍କୁ ଶାନ୍ତ କରିବା ନିହାତି ଆବଶ୍ୟକ ଥିଲା, କିନ୍ତୁ ତାଙ୍କ ସମ୍ମୁଖରେ ଯିବାର ସାହାସ କାହାର ନଥିଲା । ମା'ଙ୍କ ଉଗ୍ରରୂପ ଦେଖି ତିନିଲୋକ ଭୟାତୁର ହୋଇପଡ଼ିଲା । ଭଗବାନ ଶିବ ସ୍ୱୟଂ ମା'ଙ୍କ ସମ୍ମୁଖକୁ ଯାଇ ଶୋଇପଡ଼ିଲେ । ମା'ଙ୍କ ପାଦ ମହାଦେବଙ୍କ ଉପରେ ପଡ଼ିଲା । ମୋ ଦ୍ୱାରା ଏ କ'ଣ ହୋଇଗଲା ବୋଲି ତତ୍କ୍ଷଣାତ୍ ମା'ଙ୍କ ଜିହ୍ୱା ବାହାରକୁ ଆସିଗଲା । ମା'ଶାନ୍ତ ହୋଇଗଲେ ।

ଧର୍ମ ଓ ଆଧ୍ୟାତ୍ମିକତାର ମହୋତ୍ସବ ଦୀପାବଳି । ଘରର ସୁଖସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମଧ୍ୟ ଏହିଦିନ ଆରାଧନା କରାଯାଏ । ବୈଦିକ ଯୁଗ ପରବର୍ତ୍ତୀ ପୁରାଣ ଯୁଗରେ ମଧ୍ୟ ଦୀପାବଳି ମହତ୍ୱ ବୃଦ୍ଧିପାଇଛି । ପ୍ରକୃତ ପକ୍ଷେ ଦୀପାବଳି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ସୌଭାଗ୍ୟପ୍ରାପ୍ତିର ମହୋତ୍ସବ । ସନାତନ ସଂସ୍କୃତି ଅନୁଯାୟୀ, ଏହି ଦିନ ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ଦୀପଦାନ ଶ୍ରାଦ୍ଧ ବା ପ୍ରୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଥାଏ । ଏହିଦିନ ଘରେ ଘରେ ପରଲୋକଗତ ସପ୍ତ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡକାଯାଇଥାଏ । ସମସ୍ତେ ଦୀପ ଆଲୋକରେ ଏହିଦିନ ନିଜର ଘରଦ୍ୱାର ସଜେଇବା ସହ ପିତୃ ପୁରୁଷଙ୍କୁ ସ୍ମରଣ କରନ୍ତି । ଦୀପାବଳି ହେଉଛି ସୁଖରାତ୍ରି । ଏହା ଓଡ଼ିଶାର ଏକ ପାରମ୍ପରିକ ଉତ୍ସବ । ଆଲୋକର ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ ପାଇଁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଅନ୍ଧକାର ଦୂର କରି ପରିବେଶକୁ ଆଲୋକିତ କରିବା ପାଇଁ ଦୀପାବଳି ପାଳନ ହେଉଥିଲେ ମଧ୍ୟ ଏହାର ମୁଖ୍ୟ ଆକର୍ଷଣ ହେଉଛି ଆତସବାଜି ।

ଦୀପାବଳି ପରଦିନ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଋଷି ଦୁର୍ବାସାଙ୍କ ଅଭିଶାପରୁ ଲକ୍ଷ୍ମୀଙ୍କର ସତ୍ତା ଲୋପ ପାଇଯାଇଥିଲା । କାର୍ତ୍ତିକ ଅମାବାସ୍ୟା ଦୀପାବଳି ଦିନ ସମୁଦ୍ରମନ୍ଥନ ସମୟରେ ମହାଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିବାରୁ ଏହି ଦିନ ମହାଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ପୁରାଣ କାହାଣୀ ଅନୁଯାୟୀ, ଇନ୍ଦ୍ରଙ୍କ ପ୍ରଚଣ୍ଡ କ୍ରୋଧ ଓ



ପ୍ରବଳ ବର୍ଷା ଦାଉରୁ ରକ୍ଷା କରି ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପାହାଡ଼କୁ ଗୋଟିଏ ଆଙ୍ଗୁଠିରେ ଉଠାଇ ସମଗ୍ର ଗୋପପୁରକୁ ଏହିଦିନ ଉଦ୍ଧାର କରିଥିବାରୁ ଗୋପପୁରବାସୀ ଏହି ଉତ୍ସବ ପାଳନ କରିଆସୁଛନ୍ତି । ଆଲୋକ ଓ ଆନନ୍ଦର ମହାପାର୍ବଣ ଦୀପାବଳି ଆମ ସମସ୍ତଙ୍କ ଭିତରୁ ଅଜ୍ଞାନତା, କୁଶିକ୍ଷାର ବିରୁଦ୍ଧରେ ଚେତନା ଜାଗରିତ ହୋଇ କେବଳ ଆମ ବ୍ୟକ୍ତିସତ୍ତା ନୁହେଁ ସମଗ୍ର ପୃଥିବୀର ସମସ୍ତଙ୍କ ଭିତରେ ବ୍ୟକ୍ତି ଚେତନାର ଚିନ୍ତା ଓ ବୌଦ୍ଧିକ କ୍ଷେତ୍ରକୁ ଆନନ୍ଦମୟ କରୁ ଏହା ହିଁ କାମନା। ମୋ ପ୍ରଭୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ କୃପା କରୁଣା ଏହି ଆଲୋକର ପାର୍ବଣରେ ସମସ୍ତଙ୍କୁ ଶାନ୍ତି ଓ ସୁଖ ଚେତନା ଦେଉ ଏହା ହିଁ କାମନା।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

## ତମସୋ ମା ଜ୍ୟୋତିର୍ଗମୟ



ସୌର ଚନ୍ଦ୍ର ମହାପାତ୍ର



ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଇଛି। 'ଦୀପାବଳି' ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସ ବା ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜାଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' ।

ତ୍ରେତୟା ଯୁଗରେ ରାମ, ରାବଣକୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି। ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ୍ୟ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ଥିତିରୁ ଶାନ୍ତି ରୂପୀ ଲକ୍ଷ୍ମୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜା ବିଧାନ ରହିଛି । ସେହିପରି ରାଜା ବଳିଙ୍କ ଦାନ ପଣରେ ଦେବତାମାନେ ଭୀତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ଗଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନି ଲୋକ ପ୍ରାପ୍ତ ହେଲେ । ବଳିଙ୍କୁ ପାତାଳକୁ ଚାପି ଦେଲେ । ତେବେ ଭଗବାନ କଥା ଦେଲେ ଯେ ବଳି ବର୍ଷକେ ଥରେ ପୃଥ୍ୱୀଲୋକକୁ ଆସିପାରିବେ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦର ଦୀପ ପ୍ରଜ୍ୱଳିତ କରିବେ । ସେହି ଦିନଠାରୁ ଦୀପାବଳି ପର୍ବ ଆରମ୍ଭ ହେଲା ।

ଦୀପ ପ୍ରଜ୍ୱଳନକୁ ନେଇ ବିଭିନ୍ନ ସ୍ଥାନରେ ବହୁ ପର୍ବ ପାଳନ କରାଯାଇଥାଏ। ଜୈନ ଧର୍ମାବଲମ୍ବୀମାନେ ଦୀପ ମାଳିକା ପର୍ବ ପାଳନ କରନ୍ତି । ଜୈନ ଧର୍ମର ଶେଷ ତୀର୍ଥଙ୍କର ମହାବୀରଙ୍କ ଜ୍ଞାନକୁ ଜ୍ୟୋତିର ପ୍ରତୀକ ଭାବେ ଏହି ପାଳନ କରାଯାଏ । ନେପାଳରେ ତିହାରକେ ପର୍ବ ଅବସରରେ ଘରେ ଘରେ ଦୀପ ପ୍ରଜ୍ୱଳନ କରାଯାଏ । ସେହିପରି ତିବ୍ବତ୍‌ରେ ଦୀପ ଓ ମସାଲ ପ୍ରଜ୍ୱଳନର ପର୍ବକୁ ଲୋସରକେ କୁହାଯାଏ । ବର୍ମାରେ ତେଙ୍ଗେଜୁକେ, ଜାପାନ୍‌ରେ ରୋନ୍‌ଗାସିନାମ୍ ଇତ୍ୟାଦି ପର୍ବପର୍ବରେ ଦୀପ ପ୍ରଜ୍ୱଳନ କରନ୍ତି ।

ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ।

ଜୀବନର ଅନେକ ସ୍ତର ରହିଛି। ତେଣୁ ସବୁ ସ୍ତରକୁ ଆଲୋକିତ କରିବା ଉଚିତ । ଜୀବନର ସବୁ ସ୍ତରରେ ଜ୍ଞାନ ପ୍ରକାଶର ଆବଶ୍ୟକତା ରହିଛି । ପ୍ରଜ୍ୱଳିତ ଦୀପ ହେଉଛି ସଦ୍‌ଗୁଣର ପ୍ରତୀକ । ପ୍ରତ୍ୟେକ ମଣିଷର ସଦ୍‌ଗୁଣ ରହିଛି । କେତେକଙ୍କ ମଧ୍ୟରେ ଧୈର୍ଯ୍ୟ ଅଛି, କେତେକଙ୍କ ମଧ୍ୟରେ ପ୍ରେମ, ଆଉ କେତେକଙ୍କ ମଧ୍ୟରେ ଅଛି ସଂଗଠନ କ୍ଷମତା । ଏସବୁ ହେଉଛି 'ଦୀପ' ସଦୃଶ। ଯେତେବେଳେ ବି ସେହି 'ଦୀପ'ପ୍ରଜ୍ୱଳିତ ହୋଇଯାଏ, ଜାଗୃତ ହୋଇଯାଏ, ସେତେବେଳେ ହିଁ ହୋଇଥାଏ ଦୀପାବଳି।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/
ଡ଼ି, ସେକ୍ଟର-୬, କଟକ

## ବଡ ବଡୁଆ ହୋ

ପୁଷ୍ପାଞ୍ଜଳି ପଣ୍ଡା



କିଛି ସ୍ମୃତି ଦୃଶ୍ୟମାନ ହୁଏ
ମାନସ ପଟରେ ଖେଳି ଯାଏ
ଦୀପାବଳି ଆଲୋକ ର ପର୍ବ
ପର୍ବ ଠାରୁ ଆହୁରି ଅଧିକ।
ବରଷକେ ଥରେ ମନେପକାଇ ଦିଏ
ମୃତ୍ୟୁ ପରେ, ଅଦେଖା ରାଇଜେ
ଘର କରିଥିବେ ବୋଧେ..!
ଅଜା ଆଇ ମାମୁଁ ମାଇଁ ଅଣ ଅଜା
ଅଣ ଆଇ ଆହୁରି ଅନେକେ।
ଭୂତ ନୁହେଁ, ବରଂ ବଡ ବଡ
ବଡୁଆ ବୋଲାଇ,
ନିଜ ଲୋକ ହୋଇ
ଅନନ୍ତ ବ୍ରହ୍ମାଣ୍ଡ ମଧ୍ୟେ ଅନ୍ଧକାର ପଥେ
ଆସୁଥାନ୍ତି ଦେଖିବାକୁ
ବଳୀ ରାଜା ପରି ପରିଦର୍ଶନ ରେ
ମର୍ତ୍ତ୍ୟ ଛାଡ଼ି ଗଲାପରେ
କେମିତି ଅଛୁ ସମସ୍ତେ
ଏଇ ଭୂଲୋକରେ।
ପାର୍ଥିବ ଶରୀର ବିନା
ସୂକ୍ଷ୍ମ ରୂପ ରୂପାତୀତ,ଦେହାତୀତ
ଦେଖାଏ ଅସ୍ତିତ୍ୱ ,
ମାଟିରୁ ଆକାଶ
ମୃତ୍ୟୁ ପରେ ଯାତ୍ରା ଜୀବନର
ଥାଏ ବୋଧ ଘୋର ଅନ୍ଧକାର..!!!
ଜ୍ୟେଷ୍ଠ କନିଷ୍ଠ ସମେତ
ଜ୍ଞାତି ପରିଜନ କାଉଁରିଆ ଆଲୋକରେ
କରନ୍ତି ସ୍ୱାଗତ
ବଡବଡୁଆ ହୋ
ଅନ୍ଧାର ରେ ଆସ
ଆଲୋକର ରୋଷଣୀ ରେ
ବାଇଶି ପାହାଚ ଡେଇଁ
ପୂର୍ଣ୍ଣ ବ୍ରହ୍ମ ଦେଖି
ପରିପୂର୍ଣ୍ଣ କରି ଲୌହ ଆଖି
ଫେରିଯିବା ପଥେ
ଗଙ୍ଗା ଗୟା ତୀର୍ଥ କରି
ନିଜ ଲୋକେ ବାହୁଡ଼ି ହେ ଯାଅ।
ବଡ଼ ବଡୁଆ ହୋ
ଅନ୍ଧାର ରେ ଆସ
ଆଲୁଅରେ ଯାଅ
ପ୍ରତିବର୍ଷ ଆସି
ଦୀପାବଳି ପର୍ବ ବେଳେ
ମନେପଡୁଥାଅ।

+ଜିଲ୍ଲା ପରିଷଦ
କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୀପାବଳିର ବଦଳୁଥିବା ସ୍ୱରୂପ: ପରମ୍ପରା, ପ୍ରଦୂଷଣ ଓ ଆମର ଦାୟିତ୍ୱ

ଦୀପାବଳି, ଆଲୋକର ପର୍ବ, ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ପର୍ବ ଅନ୍ଧକାର ଉପରେ ଆଲୋକର, ଅସତ୍ୟ ଉପରେ ସତ୍ୟର ଏବଂ ଅଜ୍ଞାନତା ଉପରେ ଜ୍ଞାନର ବିଜୟର ପ୍ରତୀକ । ଘରେ ଘରେ ଦୀପର ଆଲୋକ, ରଙ୍ଗୋଲିର ସୁନ୍ଦରତା ଏବଂ ମିଠାର ମହକରେ ପରିବେଶ ମୁଖରିତ ହୋଇଉଠେ । ପରମ୍ପରା, ସଂସ୍କୃତି ଏବଂ ସାମାଜିକ ସମାରୋହର ଏହି ମିଶ୍ରଣ ଦୀପାବଳିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । କିନ୍ତୁ ସମୟ ସହିତ ଏହି ପବିତ୍ର ପର୍ବର ସ୍ୱରୂପରେ କିଛିଟା ପରିବର୍ତ୍ତନ ଆସିଛି, ଯାହା ଆମକୁ ଆତ୍ମ-ଚିନ୍ତନ ପାଇଁ ବାଧ୍ୟ କରୁଛି । ଆଧୁନିକତାର ଅନ୍ଧାନୁକରଣ ଏବଂ କ୍ଷଣିକ ଆନନ୍ଦ ପାଇଁ ଆମେ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କରୁଛେ, ଯାହାର ପରିଣାମ ସାଂଘାତିକ ହେଉଛି ।

ପ୍ରତିବର୍ଷ ଦୀପାବଳି ପରେ ବାୟୁ ପ୍ରଦୂଷଣର ମାତ୍ରା ଯେଉଁଭଳି ଭାବେ ବୃଦ୍ଧି ପାଉଛି, ତାହା ଏକ ଜାତୀୟ ଚିନ୍ତାର ବିଷୟ ପାଲଟିଛି । ଓଡ଼ିଶା ମଧ୍ୟ ଏହି ସମସ୍ୟାରୁ ବାଦ୍ ପଡ଼ିନାହିଁ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (**OSPCB**) ପକ୍ଷରୁ ପ୍ରତିବର୍ଷ ବାଣ ଫୁଟାଇବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା, ଯେପରିକି ସନ୍ଧ୍ୟା ୭ଟାରୁ ୯ଟା, ଏବଂ କେବଳ ସବୁଜ ବାଣର ବ୍ୟବହାର ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଉଛି । ଏହା ସତ୍ତ୍ୱେ, ବାସ୍ତବତା ହେଉଛି ଯେ ଏହି ନିୟମଗୁଡ଼ିକର ଅନେକ ସମୟରେ ଖୋଲାଖୋଲି ଉଲ୍ଲଂଘନ ହେଉଛି । ଗତ କିଛି ବର୍ଷର ତଥ୍ୟକୁ ଯଦି ଆମେ ଦେଖିବା, ତେବେ ଦୀପାବଳି ପରଦିନ ଭୁବନେଶ୍ୱର ଏବଂ କଟକ ଭଳି ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (**AQI**) 'ଅତି ଖରାପ' ବା 'ସାଂଘାତିକ' ସ୍ତରକୁ ଖସିଆସୁଛି । ଗତ ବର୍ଷମାନଙ୍କରେ, ଦୀପାବଳି ପରେ ଭୁବନେଶ୍ୱରର ବାୟୁରେ ପାର୍ଟିକ୍ୟୁଲେଟ୍ ମ୍ୟାଟର (**PM**) ୨.୫ର ସ୍ତର ଅନୁମୋଦିତ ସୀମାଠାରୁ ପ୍ରାୟ ଚାରି ଗୁଣ ଅଧିକ ରେକର୍ଡ କରାଯାଇଥିଲା । କେତେକ ସ୍ଥାନରେ **AQI** ୩୮୦ ପର୍ଯ୍ୟନ୍ତ ପହଞ୍ଚିଥିଲା, ଯାହାକି ଦିଲ୍ଲୀ ଭଳି ପ୍ରଦୂଷିତ ସହର ସହିତ ସମାନ ଥିଲା । **PM** ୨.୫ ଭଳି ସୂକ୍ଷ୍ମ କଣିକା ଆମ ଶ୍ୱାସକ୍ରିୟା ମାଧ୍ୟମରେ ସିଧାସଳଖ ଫୁସଫୁସରେ ପ୍ରବେଶ କରି ଆଜ୍‌ମା, ବ୍ରୋଙ୍କାଇଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରେ । ବିଶେଷକରି ଶିଶୁ, ବୃଦ୍ଧ ଏବଂ ଶ୍ୱାସରୋଗୀଙ୍କ ପାଇଁ ଏହି ସମୟ ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ । ଏହି ତଥ୍ୟଗୁଡ଼ିକ କେବଳ ସଂଖ୍ୟା ନୁହେଁ, ବରଂ ଏହା ଆମ ସ୍ୱାସ୍ଥ୍ୟ ଉପରେ ହେଉଥିବା ପ୍ରତ୍ୟକ୍ଷ ଆକ୍ରମଣର ପ୍ରମାଣ । କ୍ଷଣିକ ମନୋରଞ୍ଜନ ପାଇଁ ଆମେ ଆମର ଏବଂ ଆମ ଆଗାମୀ ପିଢ଼ିର ସ୍ୱାସ୍ଥ୍ୟ ସହିତ ଯେଉଁ ଖେଳ ଖେଳୁଛେ, ତାହାର ପରିଣାମ ବିଷୟରେ ଚିନ୍ତା କରିବାର ସମୟ ଆସିଛି । ପ୍ରଦୂଷଣ ସହିତ, ଦୀପାବଳିରେ ସୁରକ୍ଷା ଏକ ବଡ଼ ପ୍ରସଙ୍ଗ । ବାଣ ଫୁଟାଇବା ସମୟରେ ଅସାବଧାନତା ଅନେକ ଦୁର୍ଘଟଣାର କାରଣ ପାଲଟେ । ସାରା ଦେଶରେ ପ୍ରତିବର୍ଷ ହଜାର ହଜାର ଲୋକ ବାଣ ଦୁର୍ଘଟଣାରେ ଆହତ ହୁଅନ୍ତି, ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଏବଂ କିଶୋର ଥାଆନ୍ତି । ଏକ ରିପୋର୍ଟ ଅନୁଯାୟୀ, ଦୀପାବଳି ସମୟରେ ବାଣ ଦୁର୍ଘଟଣାରେ ଆହତଙ୍କ ସଂଖ୍ୟା ଅନ୍ୟ ସମୟ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଏ । ଏହି ଦୁର୍ଘଟଣାଗୁଡ଼ିକରେ ହାତ, ମୁହଁ ଏବଂ ଆଖିରେ ଗଭୀର ଆଘାତ ଲାଗିବାର ଆଶଙ୍କା ଥାଏ । ଅନେକ କ୍ଷେତ୍ରରେ, ଯେଉଁମାନେ ନିଜେ ବାଣ ଫୁଟାଉ ନଥାନ୍ତି, ସେମାନେ ମଧ୍ୟ ଏହାର ଶିକାର ହୁଅନ୍ତି । ଏହା ବ୍ୟତୀତ, ବାଣରୁ ନିର୍ଗତ ପ୍ରଚଣ୍ଡ ଶବ୍ଦ ମଣିଷ ସମେତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ କ୍ଷତିକାରକ । ଏହି ଶବ୍ଦ ପ୍ରଦୂଷଣ ଶ୍ରବଣ ଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ ଏବଂ ମାନସିକ ଚାପର କାରଣ ହୋଇପାରେ ।

ତେବେ ପ୍ରଶ୍ନ ଉଠୁଛି, ଆମେ କ'ଣ ଦୀପାବଳି ପାଳନ କରିବା ଛାଡ଼ିଦେବା ? ନିଶ୍ଚିତ ଭାବରେ ନୁହେଁ । ଦୀପାବଳି ଆମ ସଂସ୍କୃତିର ଏକ ଗୌରବମୟ ପରମ୍ପରା ଏବଂ ଏହାକୁ ପାଳନ କରିବା ଆମର କର୍ତ୍ତବ୍ୟ । କିନ୍ତୁ ପାଳନ କରିବାର ପଦ୍ଧତିରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଆମକୁ ଏକ ସୁସ୍ଥ, ସୁରକ୍ଷିତ ଏବଂ ପରିବେଶ-ଅନୁକୂଳ ଦୀପାବଳି ପାଇଁ ସଂକଳ୍ପ ନେବାକୁ ପଡ଼ିବ । ଏହାର ଆରମ୍ଭ ଆମ ନିଜ ଘରୁ ହିଁ ହେବା ଉଚିତ୍ । ବାଣର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା କିମ୍ବା ସର୍ବନିମ୍ନ ସ୍ତରକୁ ଆଣିବା ଏକ ବଡ଼ ପଦକ୍ଷେପ ହେବ । ଏହା ବଦଳରେ, ଆମେ ମାଟିର ଦୀପ ଜଳାଇ, ସୁନ୍ଦର ରଙ୍ଗୋଲି ତିଆରି କରି, ପରିବାର ଏବଂ ବନ୍ଧୁବାନ୍ଧବଙ୍କ ସହିତ ସମୟ ଅତିବାହିତ କରି ଏବଂ ମିଠା ବାଣ୍ଟି ଏହି ପର୍ବର ପ୍ରକୃତ ଆନନ୍ଦ ଉଠାଇପାରିବା । ଯଦି ବାଣ ଫୁଟାଇବା ନିହାତି ଆବଶ୍ୟକ, ତେବେ କେବଳ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ସବୁଜ ବାଣର ବ୍ୟବହାର ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତାହା କରାଯିବା ଉଚିତ୍ । ସରକାରୀ ସ୍ତରରେ ନିୟମ ପ୍ରଣୟନ ଏବଂ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି, କିନ୍ତୁ ଏହାର ସଫଳତା ଜନସାଧାରଣଙ୍କ ସହଯୋଗ ଉପରେ ନିର୍ଭର କରେ । ପ୍ରଶାସନକୁ ନିୟମର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ପଡ଼ିବ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ । ଏଥିସହିତ, ବିଦ୍ୟାଳୟ, ଗଣମାଧ୍ୟମ ଏବଂ ସାମାଜିକ ସଂଗଠନଗୁଡ଼ିକୁ ଏକ ବ୍ୟାପକ ସଚେତନତା ଅଭିଯାନ ଚଳାଇବାକୁ ପଡ଼ିବ, ଯାହାଫଳରେ ଲୋକମାନେ ପ୍ରଦୂଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିପଦ ବିଷୟରେ ଅବଗତ ହୋଇପାରିବେ ।

ଦୀପାବଳି କେବଳ ବାଣ ଫୁଟାଇବାର ପର୍ବ ନୁହେଁ, ଏହା ଆଲୋକ, ଆନନ୍ଦ ଏବଂ ସମ୍ପର୍କର ପର୍ବ । ଆସନ୍ତୁ, ଏହି ଦୀପାବଳିରେ ଆମେ ଏକ ନୂତନ ସଂକଳ୍ପ ନେବା । ଆମେ ଆମର ପରମ୍ପରାକୁ ସମ୍ମାନ ଦେବା, କିନ୍ତୁ ଏକ ଦାୟିତ୍ୱବାନ ନାଗରିକ ଭାବରେ ଆମ ପରିବେଶ ଏବଂ ସମାଜର ସୁରକ୍ଷାକୁ ମଧ୍ୟ ପ୍ରାଥମିକତା ଦେବା । ଆମର ଛୋଟ ଛୋଟ ପ୍ରୟାସ ହିଁ ଏକ ବଡ଼ ପରିବର୍ତ୍ତନ ଆଣିପାରିବ । ଆଲୋକର ଏହି ପର୍ବକୁ ପ୍ରକୃତ ଅର୍ଥରେ ଆଲୋକିତ କରିବା ପାଇଁ, ଆସନ୍ତୁ ପ୍ରଦୂଷଣର ଅନ୍ଧକାରକୁ ଦୂର କରି ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସୁରକ୍ଷିତ ଦୀପାବଳି ପାଳନ କରିବା ।

## ଅନନ୍ୟ ଅରୁଣ

**ପ୍ରଫେସର ଅନାଦି ଚରଣ ଗାଁଣ**



ଫୁଲ ମଧ୍ୟରେ ଶ୍ରେଷ୍ଠ ପାରିଜାତ । ଯାହା ସ୍ୱର୍ଗର ଦେବତାମାନଙ୍କର ଅତିପ୍ରିୟ । କୁହାଯାଏ ଏହିଫୁଲ କୁଆଡ଼େ ମଉଳେ ନାହିଁ । କିନ୍ତୁ ସ୍ୱର୍ଗକୁ କିଏ ଯାଇଛି ନା ପାରିଜାତ ଫୁଲକୁ ଦେଖିଛି । ମାତ୍ର ମର୍ତ୍ତ୍ୟପୁରରେ ଫୁଟୁଥିବା ସବୁଫୁଲ ଦିନେ ନା ଦିନେ ମଉଳେ ।

ଏ ସଂସାରକୁ ମଣିଷ ଲୀଳାଖେଳା କରିବାକୁ ଆସେ । ସମୟ ସ୍ରୋତରେ ସେ ଚାଲିଯାଏ । ପାଦଚିହ୍ନ ଲିଭିଯାଏ, କିନ୍ତୁ ସ୍ମୃତି କେବେ ହଜିଯାଏ ନାହିଁ । ବର୍ଷାଭିଜା ଆକାଶର ଖଣ୍ଡ ଖଣ୍ଡ ଧଳା ବଉଦ ପରି ସ୍ମୃତି ସବୁ ମଣିଷ ଜୀବନକୁ ଆଚ୍ଛାଦିତ କରି ରଖେ । ବିଶ୍ୱ ନିୟନ୍ତାଙ୍କ ଏ ସଂସାର ରୂପକ ବଗିଚାରେ ତେଣୁ କିଏ କଂଟା ହୋଇଯାଏତ କିଏ ପୁଣି ପତ୍ର ପାଲଟିଯାଏ । କେହିବି ପୁଣି ସୁରଭିତ ଫୁଲଟିଏ ହୋଇ ନିଜର ସୁଗନ୍ଧରେ ଅନ୍ୟକୁ ବିମୋହିତ କରେ ।

ମଣିଷ ରୂପୀ ଫୁଲର ସୁଗନ୍ଧ କିପରି ? ପର ପାଇଁ ଯିଏ କର୍ମକରି ବଂଚିପାରେ ସେହିଁ ଏ ସଂସାର ରୂପୀ ବଗିଚାରେ ଅତରପରି ମହମହ ସୁଗନ୍ଧ ବିତରଣ କରୁଥିବା ଲୋଭନୀୟଫୁଲ । ସେ ପରକୁ ଆପଣାର କରେ, ନିଃସର୍ତ୍ତରେ ଭଲପାଏ, ପୁଣି ନିଜ ସଂସାରକୁ ସଜାଡ଼ିବା ଲାଗି ନିରନ୍ତର ଲାଗିଥାଏ ଦେହାତୀତ ହେବାଯାଏ । ନିଜର କର୍ତ୍ତବ୍ୟ ଓ ବ୍ୟସ୍ତ ଜୀବନ ଭିତରେ ସମସ୍ତଙ୍କ କଥା ବୁଝି କାହାପ୍ରତି ପାତର ଅନ୍ତର କରେନା । ଭଲରେ ଥାଆନ୍ତୁ ସମସ୍ତେ । ଖୁସିରେ ରହନ୍ତୁ ସଭିଏଁ । ଅତି ବିରକ୍ତ ହେଲେ ପାଟିରୁ ବାହାରି ପଡ଼େ – 'ତା' କଥା ଛାଡ଼ । ତା' ବାଟରେ ସେ ଯାଉ । ଭଗବାନ ତାକୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ଏ ସଂସାରରେ ରକ୍ତ ମାଂସ ଦେହ ଧାରଣ କରି ଜନ୍ମ ନେଇଥିବା କେଉଁ ମଣିଷ ଭିତରେ ରାଗ, ରୁଷା, ମାନ, ଅଭିମାନ ନାହିଁ ? ହେଲେ କ୍ଷୀର ସିଝି ସିଝି ସର ପଡ଼ିଲା ପରି, ସବୁ ଭିତରେ ଯାହା ଶେଷକୁ ରହିଯାଏ, ତାହା ହିଁ ମଣିଷର ଅସଲ ରୂପ, ଅସଲ ବାସନା । ଦିବଂଗତ ଅରୁଣ କୁମାର ମହାନ୍ତି । ଜନ୍ମ ୧୯-୦୫-୧୯୬୦ ଏବଂ ମୃତ୍ୟୁ ୦୯-୧୦-୨୦୨୫ ପଂଚଷଠି ବର୍ଷର ପରିପୂର୍ଣ୍ଣ ଜୀବନ । ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥ ମେଣ୍ଟାଖାଇ ଗ୍ରାମର ପିତା- ଅନାଦି ଚରଣ ମହାନ୍ତି ଓ ମାତା ବିଭାରାଣୀ ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର ରୂପେ ଅରୁଣଙ୍କର ଜନ୍ମ । ଏକ ସଂଭ୍ରାନ୍ତ ପରିବାରରେ ଜନ୍ମ ନେଇଥିବା ହେତୁ ଓ ବଡ଼ଭାଇ ଅଶୋକ ତଥା ସାନଭାଇ ଅଜୟ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇଥିବାରୁ ଅନେକ ବ୍ୟକ୍ତି ଆସନ୍ତି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ତାଙ୍କ ପାଖକୁ । ଅରୁଣ ବାବୁ ଓକିଲାତି କାର୍ଯ୍ୟ ସହିତ ସାମ୍ବାଦିକ କାର୍ଯ୍ୟକରୁଥିବାରୁ ସାଧାରଣ ଲୋକଙ୍କ ଠାରୁ ପ୍ରଶାସନିକ ଏପରିକି ବିଭିନ୍ନ ରାଜନୈତିକ ବ୍ୟକ୍ତି ମଧ୍ୟ ତାଙ୍କ ପାଖକୁ ଆସନ୍ତି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ।

ମନେପଡୁଛି କିଛି କଥା । ଉଦଳାରେ ପ୍ରଥମେ ଯେଉଁ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା, ଅରୁଣ ଥିଲେ ତାର ମୁଖ୍ୟ ପରାମର୍ଶଦାତା । ଉଦଳା ଆରୋବିନ୍ଦ ସ୍କୁଲର ସଂପାଦକ ଭାବରେ ସେ ଯେଉଁ ସବୁ ଉନ୍ନତ ମୂଳକ କାର୍ଯ୍ୟ କରିଯାଇଛନ୍ତି, ତାହା ଏବେ ବି ସ୍ମରଣୀୟ । ଉଦଳାରେ ଉପଖଣ୍ଡ ସ୍ତରୀୟ ସାମ୍ବାଦିକ ସଂଘ ଗଠନ କରି ସମସ୍ତଙ୍କୁ ଏକତ୍ର କରିବାର ଇଚ୍ଛାକୁ ସେ ଦକ୍ଷତାର ସହିତ ସଫଳ କରାଇ ପାରିଥିଲେ । ଦୈନିକ "ସମାଜ" ଖବର କାଗଜରେ ସେ ସାମ୍ବାଦିକ ଥିବାରୁ ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧ ଦିବସକୁ ଉପଖଣ୍ଡ ସ୍ତରରେ ସେ ସୁନ୍ଦର ଭାବରେ ପାଳନ କରାଉଥିଲେ । ଉଦଳା ଅଂଚଳକୁ ଟ୍ରେନ ଲାଇନ ସଂଯୋଗ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଆଂଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ, ଉଦଳାରେ ଅତିରିକ୍ତ ଜିଲ୍ଲା କାର୍ଯ୍ୟାଳୟ ସ୍ଥାପନ ପାଇଁ ସେ ବାରମ୍ବାର ସ୍ଥାନୀୟ ରାଜନେତା ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରୁଥିଲେ । ଲୋକ ପ୍ରତିନିଧି ନହୋଇବି ଲୋକଙ୍କ କାମ ପାଇଁ ସେ ସର୍ବଦା ତତ୍ପର ଥିଲେ । ମୟୂରଭଞ୍ଜର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ ।

ଓଡ଼ିଆ ସାହିତ୍ୟ ପ୍ରତି ଥିଲା ତାଙ୍କର ଗଭୀର ଅନୁରାଗ, ତେଣୁ ଓଡ଼ିଆ ଭାଷାରେ ପ୍ରକାଶ ପାଇଥିବା ବହି, ଗ୍ରନ୍ଥାବଳୀ ଓ ଅନେକ ପତ୍ରପତ୍ରିକା ପଢ଼ିଥିଲେ ସେ । ଜୀବନ ସୁଗନ୍ଧ ଥିଲା ତାଙ୍କର । ବସୁଧୈବ କୁଟୁମ୍ବକମ୍ ଭାବନା ଥିଲା । ମଣିଷ ହୋଇ ଫୁଲ ହେବା କ'ଣ ସହଜ ? ଏତିକି ସ୍ମରଣ ରହୁ । ଫୁଲ ଝରେ, ଗଛବି ମରେ । ଅରୁଣ ଥିଲେ ଏ ସୃଷ୍ଟିର ଅନନ୍ୟ ଝରା ଫୁଲ । ସମସ୍ତଙ୍କ ସମ୍ମୁଖରେ ସେ ବି ଝରିଗଲେ । ଅସ୍ତ ହୋଇଗଲେ ସବୁଦିନ ପାଇଁ । ଜଗତରେ ଅରୁଣଙ୍କ ପରି ଫୁଲ ମାନଙ୍କର ମହକ ବିଚ୍ଛୁରିତ ହେଉ । ଏତିକି କାମନା ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ଉଦଳା, ମୟୂରଭଞ୍ଜ

## ନିରାପଦ ଓ ଶାନ୍ତି ଦୀପାବଳି

**ସୌଭାଗ୍ୟ ରଂଜନ ମହାନ୍ତି**



ନିରାପଦ ଏବଂ ସ୍ଥାୟୀ କ୍ରାକର : ଏକ ଆଶାବାଦୀ ଭବିଷ୍ୟତ ଆମେ ଉତ୍ସବ ପାଳନ କରୁଥିବା ସମୟରେ, ଆସନ୍ତୁ ଏକ ଏପରି ଭବିଷ୍ୟତ ପାଇଁ ଆଶା କରିବା ଯେଉଁଠାରେ କ୍ରାକର କେବଳ ଉପଭୋଗ୍ୟ ନୁହେଁ ବରଂ ଆମର ପରିବେଶ ଏବଂ କଲ୍ୟାଣ ପାଇଁ ମଧ୍ୟ ସୁରକ୍ଷିତ ହେବ। ଏଠାରେ କିଛି ସମ୍ଭାବନା ଅଛି : ପରିବେଶ-ଅନୁକୂଳ କ୍ରାକର : ସର୍ବନିମ୍ନ ପ୍ରଦୂଷଣ ସୃଷ୍ଟି କରୁଥିବା ବିକାଶ। ଉତ୍ପାଦନକାରୀ ଡିଜାଇନ୍ : ଦୁର୍ଘଟଣା ଏବଂ ଆଘାତ ହ୍ରାସ କରିବା ପାଇଁ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଡିଜାଇନ୍ ହୋଇଥିବା କ୍ରାକର। ଉତ୍ପାଦନକାରୀ ବ୍ୟବହାର : ନିର୍ଦ୍ଦିଷ୍ଟ ଫାଟିବା ଅଂଚଳ ଏବଂ ସୀମିତ ଘଂଟା ବ୍ୟବହାର ଭଳି କ୍ରାକର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏକ ଉଜ୍ଜ୍ୱଳ ଭବିଷ୍ୟତ ଆସନ୍ତୁ ଏକ ଭବିଷ୍ୟତ ସୃଷ୍ଟି କରିବା ପାଇଁ ଏକାଠି କାମ କରିବା ଯେଉଁଠାରେ ଆମର ଉତ୍ସବ ପରିବେଶ କିମ୍ବା ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଂଚାଏ ନାହିଁ। ସୁରକ୍ଷିତ ଏବଂ ସ୍ଥାୟୀ କ୍ରାକରକୁ ଗ୍ରହଣ କରି, ଆମେ ଆମ ଗ୍ରହକୁ ସୁରକ୍ଷା ଦେବା ସହିତ ଉତ୍ସବର ମନୋଭାବ ଉପଭୋଗ କରିପାରିବା। କିଛି ସମ୍ଭାବ୍ୟ ଉଦ୍ଭାବନ - ସବୁଜ କ୍ରାକର : ପ୍ରାକୃତିକ ସାମଗ୍ରୀରୁ ତିଆରି, ଏହି କ୍ରାକର କମ୍ ପ୍ରଦୂଷଣ ଉତ୍ପାଦନ କରେ ଏବଂ ଜୈବବିଘଟନଶୀଳ। - ବୈଦ୍ୟୁତିକ କ୍ରାକର : ପାରମ୍ପରିକ କ୍ରାକର ଏକ ଡିଜିଟାଲ ବିକଳ୍ପ, ପ୍ରଦୂଷଣ ଏବଂ ସୁରକ୍ଷା ବିପଦକୁ ହ୍ରାସ କରେ। ନୀରବ କ୍ରାକର : ସର୍ବନିମ୍ନ ଶବ୍ଦ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି କ୍ରାକରଗୁଡିକ ସହରାଂଚଳ ପାଇଁ ଉପଯୁକ୍ତ। ନବସୃଜନ ଏବଂ ଦାୟିତ୍ୱକୁ ଗ୍ରହଣ କରି, ଆମେ ନିଜ ପାଇଁ ଏବଂ ଭବିଷ୍ୟତ ପିଢି ପାଇଁ ଏକ ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିପାରିବ। କ୍ରାକର ନିର୍ମାତା ଏବଂ ବିକ୍ରେତାଙ୍କ ଜୀବିକା ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ, ବିଶେଷ କରି ଫୋଟକା ବ୍ୟବହାର ଉପରେ ବର୍ଦ୍ଧିତ କଟକଣା ପରିପ୍ରେକ୍ଷୀରେ। ଭାରତରେ ଅନେକ ପରିବାର ସେମାନଙ୍କର ଆୟ ପାଇଁ କ୍ରାକର ଶିଳ୍ପ ଉପରେ ନିର୍ଭର କରନ୍ତି ଏବଂ ସେମାନଙ୍କୁ ସମର୍ଥନ କରିବା ପାଇଁ ବିକଳ୍ପ ଜୀବିକା ବିକଳ୍ପ ଅତ୍ୟାବଶ୍ୟକ। କିଛି ସମ୍ଭାବ୍ୟ ସମାଧାନ ମଧ୍ୟରେ ଅନ୍ତର୍ଭୁକ୍ତ : ବିବିଧତା : କ୍ରାକର ନିର୍ମାତାମାନଙ୍କୁ ସେମାନଙ୍କର ଉତ୍ପାଦଗୁଡିକୁ ବିବିଧ କରିବା ଏବଂ ପରିବେଶ-ଅନୁକୂଳ ବିକଳ୍ପ ଅନୁସନ୍ଧାନ କରିବାକୁ ଉତ୍ସାହିତ କରନ୍ତୁ। କୌଶଳ ବିକାଶ : କ୍ରାକର ଶିଳ୍ପରେ ଶ୍ରମିକମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରନ୍ତୁ, ଯାହା ସେମାନଙ୍କୁ ଅନ୍ୟ କ୍ଷେତ୍ରକୁ ସ୍ଥାନାନ୍ତରିତ କରିବାକୁ ସକ୍ଷମ କରିବ। ବିକଳ୍ପ ନିଯୁକ୍ତି : ସ୍ଥାୟୀ ଶିଳ୍ପ କିମ୍ବା ସ୍ଥାନୀୟ କାରିଗରୀ ଭଳି କ୍ରାକର ଶ୍ରମିକମାନଙ୍କ ପାଇଁ ବିକଳ୍ପ ନିଯୁକ୍ତି ସୁଯୋଗ ଚିହ୍ନଟ କରନ୍ତୁ। ସରକାରୀ ସମର୍ଥନ : ପରିବେଶ-ଅନୁକୂଳ ଉତ୍ପାଦଗୁଡିକୁ ପରିବର୍ତ୍ତନ କରୁଥିବା କିମ୍ବା ବିକଳ୍ପ ଜୀବିକା ପ୍ରଦାନ କରୁଥିବା ବ୍ୟବସାୟ ପାଇଁ ସରକାରୀ ସମର୍ଥନ ଏବଂ ପ୍ରୋତ୍ସାହନ ପ୍ରଦାନ କରନ୍ତୁ। କ୍ରାକର ଶିଳ୍ପ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକାକୁ ସମର୍ଥନ କରି, ଆମେ ଏକ ଅଧିକ ସ୍ଥାୟୀ ଏବଂ ସମାନ ସମାଧାନ ଦିଗରେ କାମ କରିପାରିବ। କ୍ରାକର ବରଦାନ ନା ଅଭିଶାପ ? କ୍ରାକର ବିଷୟରେ ବିତର୍କ ତୀବ୍ର ଆଲୋଚନା ଆରମ୍ଭ କରିଛି। କେତେକ ଏହାକୁ ଉତ୍ସବର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ଦେଖନ୍ତି, ଅନ୍ୟମାନେ ଏହାକୁ ପ୍ରଦୂଷଣ ଏବଂ ସୁରକ୍ଷା ଚିନ୍ତାରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବରେ ଦେଖନ୍ତି। ବୁନ୍ ପାଇଁ ଯୁକ୍ତି : ସାଂସ୍କୃତିକ ଗୁରୁତ୍ୱ : କ୍ରାକର୍ ପରମ୍ପରା ଏବଂ ସଂସ୍କୃତିରେ ଗଭୀର ଭାବରେ ମୂଳ : ଉତ୍ସବ ପରିବେଶ : ଏଗୁଡିକ ଉତ୍ସବର ଉତ୍ସାହ ଏବଂ ଆନନ୍ଦକୁ ବୃଦ୍ଧି କରେ। ଅର୍ଥନୈତିକ ଲାଭ : କ୍ରାକର୍ ଶିଳ୍ପ ନିଯୁକ୍ତି ଏବଂ ରାଜସ୍ୱ ପ୍ରଦାନ କରେ। ଅଭିଶାପ ପାଇଁ ଯୁକ୍ତି : ବାୟୁ ଏବଂ ଶବ୍ଦ ପ୍ରଦୂଷଣ : କ୍ରାକର୍ କ୍ଷତିକାରକ ପ୍ରଦୂଷଣ ଏବଂ ଶବ୍ଦ ଛାଡନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ। ସୁରକ୍ଷା ଚିନ୍ତା : ଯଦି ସଠିକ୍ ଭାବରେ ପରିଚାଳନା ନକରାଯାଏ ତେବେ ଏଗୁଡିକ ଆଘାତ ଏବଂ ମୃତ୍ୟୁର କାରଣ ହୋଇପାରେ। ପରବେଶିକ ପ୍ରଭାବ : କ୍ରାକର୍ ଅପଚୟ ଏବଂ ପ୍ରଦୂଷଣରେ ଯୋଗଦାନ କରନ୍ତି। ନିର୍ଣ୍ଣୟ କ୍ରାକର୍ସ କିପରି ବ୍ୟବହାର କରାଯାଏ ତାହା ଉପରେ ନିର୍ଭର କରି ଏକ ବରଦାନ ଏବଂ ଅଭିଶାପ ଉଭୟ ହୋଇପାରେ। ଯଦିଓ ସେମାନଙ୍କର ସାଂସ୍କୃତିକ ଗୁରୁତ୍ୱ ଏବଂ ଆର୍ଥିକ ଲାଭ ଅଛି, କିନ୍ତୁ ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ସେମାନଙ୍କର ନକାରାତ୍ମକ ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ। ଏକ ସନ୍ତୁଳିତ ଆଭିମୁଖ୍ୟ ନକରତ୍ମକ ପ୍ରଭାବକୁ କମ କରିବା ପାଇଁ, ବିଚାର କରନ୍ତୁ : ପରିବେଶ-ଅନୁକୂଳ ବିକଳ୍ପ : ଅଧିକ ପରିବେଶ ଅନୁକୂଳ ହେବା ପାଇଁ ଡିଜାଇନ୍ ହୋଇଥିବା କ୍ରାକର ବାଛନ୍ତୁ। ନିୟନ୍ତ୍ରିତ ବ୍ୟବହାର : ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ନିୟମ ଏବଂ ନିୟମାବଳୀ କାର୍ଯ୍ୟକାରୀ କରନ୍ତୁ। ଶିକ୍ଷା ଏବଂ ସଚେତନତା : କ୍ରାକର ସମ୍ଭାବ୍ୟ ବିପଦ ଏବଂ ଲାଭ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦିଅନ୍ତୁ। ଉପଭୋଗ ଏବଂ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ଖୋଜି ଆମେ କ୍ଷତିକୁ କମ କରି ଉତ୍ସବର ମନୋଭାବ ଉପଭୋଗ କରିପାରିବ। କ୍ରାକର୍ସ ଏବଂ ବାୟୁ ପ୍ରଦୂଷଣ : ଏକ ବଢୁଥିବା ଚିନ୍ତା ଭାରତରେ ଉତ୍ସବ ଋତୁ, ବିଶେଷକରି ଦୀପାବଳୀ, କ୍ରାକର ଫୁଟିବା ସହିତ ସମାନ। ତଥାପି, ଏହି ପରମ୍ପରା ବାୟୁ ପ୍ରଦୂଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହା ନାଗରିକମାନଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଛି। କ୍ରାକରକୁ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରିବା ସମ୍ଭବପର ନହୋଇପାରେ, କିନ୍ତୁ ବାୟୁ ଗୁଣବତା ଉପରେ ସେମାନଙ୍କର ପ୍ରଭାବକୁ କମ କରିବାର ଉପାୟ ଅଛି। କ୍ରାକର ସମସ୍ୟା ଆତସବାଜି ବାୟୁରେ ପ୍ରଦୂଷକ ପଦାର୍ଥର ଏକ ମିଶ୍ରଣ ଛାଡିଥାଏ, ଯେଉଁଥିରେ କଣିକା ପଦାର୍ଥ (**PM**), କାର୍ବନ ମନୋକ୍ସାଇଡ୍ (**CO**), ସଲଫର ଡାଇଅକ୍ସାଇଡ୍ (ଝଙ୨) ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ (**NOx**) ଅନ୍ତର୍ଭୁକ୍ତ। ଏହି ପ୍ରଦୂଷକଗୁଡିକ ହୋଇପାରେ। ଶ୍ୱାସକ୍ରିୟା ସମସ୍ୟା : ପ୍ରଦୂଷଇତ ବାୟୁ ନିଶ୍ୱାସ ନେବା ଦ୍ୱାରା ଆସ୍ଥମା, ବ୍ରୋଙ୍କାଇଟିସ୍ ଏବଂ କ୍ରନିକ୍ ଅବଷ୍ଟ୍ରକ୍ଟିଭ୍ ପମୋନସୋରୀ ରୋଗ (**COPD**) ଭଳି ଶ୍ୱାସକ୍ରିୟା ସମସ୍ୟା ବଢିପାରେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଫକୀରମୋହନ ମେଡିକାଲ କଲେଜ ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କଲା

**ସୁବ୍ରତ କର**



ବାଲେଶ୍ୱରରେ ଏକ ମେଡିକାଲ କଲେଜ କରିବା ପାଇଁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଲଢ଼େଇ ଆରମ୍ଭ ହୋଇଥିଲା ୨୦୦୫-୨୦୦୬ ପାଖରୁ । ଏହି ଲଢ଼େଇ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ଖୁବ୍ ଜୋର୍‌ସର୍‌ରେ ଚାଲିଥିଲା ଏବଂ ସଫଳ ହୋଇଥିଲେ ୨୦୧୬-୧୭ ମସିହାରେ । ସେ ସମୟରେ ଯେଉଁ ସଭ୍ୟ ସଭ୍ୟାମାନେ ରିତିମତ ଲଢ଼ିଥିଲେ ସେମାନେ ଏହାକୁ କେବେ ଭୁଲି ପାରିବେ ନାହିଁ । ସବୁଠୁ ବଡ଼ କଥା ହେଲା ଏହି ଲଢ଼େଇରେ କୌଣସି ରାଜନୈତିକ ଦଳ ବା ନେତାଙ୍କର ବିଶେଷ କିଛି ଅବଦାନ ନ ଥିଲା । ବାଲେଶ୍ୱରର ସାଧାରଣ ନେତାଙ୍କ ଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି । ସେହି ସମୟରେ ଭାରତ ସରକାର ଆମ ରାଜ୍ୟକୁ ୬ଗୋଟି ମେଡିକାଲ କଲେଜ ଦେଇଥିଲେ ଏବଂ ତନ୍ମଧ୍ୟରୁ ଆମ ଜିଲ୍ଲା ଗୋଟାଏ ପାଇଥିଲା ଏବଂ ନିଶ୍ଚିତ ଭାବରେ ସେ ସମୟର ମୁଖ୍ୟମନ୍ତ୍ରୀ ଠିକ୍ କରି ବାଲେଶ୍ୱର ବାସୀଙ୍କୁ ଦେଇଥିଲେ । ତଥାପି ଆମ ମେଡିକାଲ କଲେଜ ଗୋଟାଏ ବର୍ଷ ବାରିପଦା ମେଡିକାଲ କଲେଜ ଠାରୁ ପଛରେ ହେଲା । ସେ ପାଇଁ ଏବେ ଆଉ ଦୁଃଖ ନାହିଁ କାରଣ ଆମ ମେଡିକାଲ କଲେଜ ସେହି ସମୟରେ ହୋଇଥିବା ୬ ଗୋଟି ମେଡିକାଲ କଲେଜ ଠାରୁ ଆଗକୁ ମାଡ଼ିଗଲା । ଏହି ୬ଗୋଟି ମଧ୍ୟରୁ ବାଲେଶ୍ୱର ମେଡିକାଲ କଲେଜକୁ ପ୍ରଥମ କରି ୮ଟି ପିଜି ସିଟ୍‌କୁ ଖୋଲିବା ପାଇଁ ଅନୁମୋଦନ କରିଛନ୍ତି ଓଡ଼ିଶା ସ୍ୱାସ୍ଥ୍ୟ ସେବା ବିଶ୍ୱ ବିଦ୍ୟାଳୟ । ଏହି ଖବର ପ୍ରଚାର ଏବଂ ପ୍ରସାର ହେଲା ପରେ ଏବେକାର ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ପାଖରେ ବାଲେଶ୍ୱରବାସୀ ଚିର ଉପକୃତ ହୋଇ ରହିଲେ । ଏହା ପ୍ରମାଣ କରୁଛି ବାଲେଶ୍ୱର ମେଡିକାଲ କଲେଜ ତାର ଉପଯୁକ୍ତ ସ୍ଥାନ ପାଇ ପାରିଛି, କଟକ, ବରହମପୁର ଏବଂ ସମ୍ବଲପୁର ମେଡିକାଲ କଲେଜ ପରେ । ଏହାକୁ ସଫଳ କରାଇବାରେ ମେଡିକାଲ କଲେଜର ୩ଟି ବିଭାଗର ଅବସ୍ଥାପିତ ଡାକ୍ତରମାନଙ୍କ ପାଇଁ । ସେମାନେ ଅନବରତ ଚେଷ୍ଟା କରିଥିଲେ ନିଜ ନିଜ ବିଭାଗରେ ପୋଷ୍ଟ ଗ୍ରାଜୁଏଟ୍ ବିଭାଗ ଖୋଲୁ ଏବଂ ସେମାନେ ନିଶ୍ଚିତ ଭାବରେ ଏହାକୁ ଉପଯୁକ୍ତ କରାଇଛନ୍ତି । ବିଭାଗ ଗୁଡ଼ିକ ହେଲା ସ୍ତ୍ରୀ ଏବଂ ପ୍ରସୂତୀ ବିଭାଗ ଏଥିରେ ୨ଟି, ଆନେସ୍‌ସ୍ଥେସିଆ ବିଭାଗରେ ୩ଟି ଏବଂ ନାସା, ଗଳା ଓ କର୍ଣ୍ଣ ବିଭାଗରେ ମଧ୍ୟ ୩ଟି । ଏହା ନିଶ୍ଚିତ ଭାବରେ ଆମ ମେଡିକାଲ କଲେଜ ପାଇଁ ପ୍ରଶିକ୍ଷିତ ବିଭାଗ ଯେପରି ନିଉରୋଲଜି, କାର୍ଡିଓଲଜି, ନେଫ୍ରୋଲଜି ଏବଂ ଅଙ୍କଲୋଜି ଭବିଷ୍ୟତରେ ଖୋଲିବା ପାଉଁ ଆଉ ଅସୁବିଧା ଉପୁଜିବ ନାହିଁ ବୋଲି ବାଲେଶ୍ୱର ବାସୀ ବିଶ୍ୱାସ କରିବେ । ଏହି ସବୁ ବିଭାଗ ପାଇଁ ନିଶ୍ଚିତ ଆମେ ଅପେକ୍ଷା କରିବୁ ।





## ଖାଲି ଭିନ୍ନ ଭିନ୍ନ ନାମ

**ରଂଜିତ ସେନାପତି**



ଆମ ଅସ୍ଥିରେ ଅଛି କାଲ୍-ସିୟମ
ଆଉ ଶିରାପ୍ରଶିରାରେ ଆଇରନ
ହୃଦୟରେ ରେଣୁ ରେଣୁ
କାର୍ବନ ଥିବାବେଳେ
ମସ୍ତିଷ୍କକୁ ସତେଜ କରି ରଖିଛି
ନାଇଟ୍ରୋଜେନ୍ !

ପୁଣି ଆତ୍ମାରେ ଭରିରହିଛି
ଧୂଳି ଭଳି କିଛି କଣିକା,
ଯାହା ପ୍ରଜ୍ୱଳିତ ତାରାର ଶିଖାରୁ ହିଁ ଉପନ୍ନ
ତମେ ତା'କୁ ତାରାଧୂଳି କହିପାର
କିମ୍ବା କହିପାର ତାରକୀୟ ପାଉଁଶ
ଅବା ଜ୍ୱଳନ୍ତ ତାରାର ଭସ୍ମ !

ସେଇ ଅପୂର୍ବ ଜ୍ୟୋତିର୍ମୟତା ହିଁ
ମଣିଷ ଭିତରେ ଥିବା
ଶରୀର ରହିତ ସତ୍ତାକୁ ଆକର୍ଷଣ କରେ
ଗୋଟିଏ ଅତିମାନବୀୟ
ସୂକ୍ଷ୍ମ ସତ୍ତା ସହିତ ଆମକୁ ଯୋଡ଼େ
ଯିଏ ଅଦୃଷ୍ଟ, ବିସ୍ମୟ ଓ ବିଚିତ୍ର !

ଗଭୀର ଆତ୍ମବୋଧରୁ
ବାଟ ଫିଟେ ଆଧ୍ୟାତ୍ମିକତାର
ଏକାକାର ଲାଗେ
ଇହ, ପର
ମରଣ, ନିର୍ବାଣ,
ଉନ୍ମେଷର ଉନ୍ନିଦ୍ର ଉଚ୍ଛ୍ୱାସେ
ସହସ୍ର ଉଲ୍ଲାସ ଲଗ୍ନ
ମଣିଷ ତ
ସେଇ ସର୍ବବ୍ୟାପି ଚୈତ୍ୟସତ୍ତାର
ଏକ ଅଂଶ ମାତ୍ର
ଖାଲି ଭିନ୍ନ ଭିନ୍ନ ନାମ... !

+କଷଣଅଷ୍ଟା, ପଟ୍ଟାମୁଣ୍ଡାଇ
ମୋ:୮୯୧୭୫୬୮୧୮୦

## ଜ୍ଞାନର ଆଲୋକ ଦୀପାବଳି

**ପ୍ରତିଭା ଦାଶ**

କାର୍ତ୍ତିକ ଅମାବାସ୍ୟାର ପୂର୍ଣ୍ଣମୀରେ
ହୁଏ ଆଲୋକର ପର୍ବ ଦୀପାବଳି
ଦେଶସାରା କରନ୍ତି ଏହା ପାଳନ
ଘରଦ୍ୱାର ଅଗଣାରେ ଦୀପଜାଳି ।

ଶ୍ରୀରାମ ରାବଣକୁ କରି ନିଧନ
କରିଲେ ଅସତ୍ୟରେ ସତ୍ୟର ଜୟ
ରାବଣର ପାଣ୍ଡିତ୍ୟ ନାହିଁ ତୁଳନା
ଦୁଷ୍କର୍ମେ ଜ୍ଞାନକୁ କଲା ଅପଚୟ ।

ଜ୍ଞାନର ପ୍ରଦୀପ ଜାଳି ଅଜ୍ଞାନକୁ
କରିବା ଏଇ ଜନ୍ମମାଟିରୁ ଦୂର
ସୁଖ ସମୃଦ୍ଧି ଦେବୀ ମା' ଲକ୍ଷ୍ମୀଙ୍କର
ଅର୍ଚ୍ଚନା କରନ୍ତି ସବୁ ନାରୀନର ।

ଚତୁର୍ଦ୍ଦିଗ ଦିଶେ ଯେ ଉଜ୍ଜ୍ୱଳମୟ
କାହା ମୁଖେ ନାହିଁ ବିଷାଦର ଚିହ୍ନ
ଏକତାର ପ୍ରତୀକ ସାଜିଛି ପର୍ବ
ନାହିଁ ଏଠି ଜାତି ଅଜାତିର ବର୍ଣ୍ଣ ।

ଆମ ପରମ୍ପରା ଓ ଆମ ସଂସ୍କୃତି
ରଖିଅଛି ଦେଶ ବିଦେଶରେ ନାମ
ରଖିବା ଆମେ ଆମ ଦେଶ ମର୍ଯ୍ୟାଦା
କରିବା ତା ପାଇଁ ଆମେ ସୁକରମ ।

+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# ତମସୋ ମା ଜ୍ୟୋତିର୍ଗମୟ

## ହିନ୍ଦୁ ଧର୍ମରେ ମା' କାଳୀଙ୍କ ପୂଜା




ଡକ୍ଟର ଲକ୍ଷ୍ମଣ ସାହୁ




ମା' କାଳୀ ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଓ ଦେବୀ ଦୁର୍ଗାଙ୍କର ଶକ୍ତିଶାଳୀ ସ୍ୱରୂପ । କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ମଧ ପରିଚିତା । ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉତ୍ପତ୍ତି, ଏ ରକ୍ତବୀଜର ରକ୍ତ ପାନ କରିଥିଲେ । ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ । ମା' କାଳୀ ସ୍ୱରୂପରେ ଭୟଙ୍କର କୃଷ୍ଣକାୟା, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା (ଲହକା ଜିଭ), ମୁଣ୍ଡମାଳାଧାରିଣୀ । ତାଙ୍କର ଗୋଟିଏ ହାତ ଛିନ୍ନ-ମସ୍ତକ (ନରମୁଣ୍ଡ ବା ଖପର) ଧାରିଣୀ, ଅନ୍ୟଟି ଖଡ୍ଗ (ଖଣ୍ଡା)ରେ ଶୋଭିତ । ତୃତୀୟଟି ତ୍ରିଶୁଳ ଧାରଣ କରି ପାପୀ ରାକ୍ଷସମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ । ଚତୁର୍ଥଟି ଭକ୍ତମାନଙ୍କୁ ଅଭୟ ମୁଦ୍ରାରେ ଆଶ୍ୱାସନା ଓ ଆଶୀର୍ବାଦ ଦେଇଥାଏ । ସେ ଭୀଷଣ ଭୟଙ୍କର ରୂପରେ ଶିବଙ୍କ ଉପରେ ଦଣ୍ଡାୟମାନା ।

'କାଳୀ' ଶବ୍ଦ ସଂସ୍କୃତ ଶବ୍ଦ 'କାଳା'ରୁ ଉତ୍ପନ୍ନ ହୋଇଛି, ଯାହାର ଅର୍ଥ ଉଭୟ ସମୟ ଓ କଳା । ମିଳିତ ଗୁରୁତ୍ୱ ସୂଚିତ କରେ ଯେ ସେ ଗଭୀର ଧାରଣାର ପ୍ରତୀକ । ଏଥିରେ ଜୀବନର ଗୁରୁତ୍ୱପୂର୍ଣ୍ଣ ନୃତ୍ୟ ଓ ସମୟର ଅସୀମ ଚକ୍ର ଅନ୍ତର୍ଭୁକ୍ତ ହୁଏ । ଯାହା ବ୍ରହ୍ମାଣ୍ଡ ଶୂନ୍ୟସ୍ଥାନର ଗର୍ଭକୁ ବ୍ୟାପିଥାଏ । ମୁଖ୍ୟ ହିନ୍ଦୁ ପୁରାଣ ଓ ଧର୍ମତତ୍ତ୍ୱରେ କାଳୀଙ୍କ ଉତ୍ପତ୍ତି ଅସ୍ପଷ୍ଟ । କାରଣ ସେ ପୂର୍ବ-ବୈଦିକ ଓ ଅଣ-ବୈଦିକ ଆଦିବାସୀ ଦେବତାଙ୍କ ସହ ଜଡିତ ହେବାର ସମ୍ଭାବନା ରହିଛି ।ପ୍ରାୟ ୫୦୦ ଖ୍ରୀଷ୍ଟପୂର୍ବ 'କାଳୀ' ନାମ ମଣ୍ଡୁକ ଉପନିଷଦରୁ ଉତ୍ପନ୍ନ ହୋଇଛି । ସେଥିରେ ଅଗ୍ନି (ଅଗ୍ନି ଦେବତା) ର ସାତୋଟି ଭାଷା ମଧ୍ୟରୁ ଗୋଟିଏକୁ ଦିଆଯାଇଛି । କାଳୀଙ୍କ ଅନ୍ୟ ରୂପଗୁଡ଼ିକ ରତ୍ରୀ ଦେବୀ (ରାତ୍ରି ଦେବୀ) ଓ ଋଗ୍ ବେଦ ଓ ଅଥର୍ବବେଦରେ ନିରତି (ଭୂତ) ଭାବରେ ଦେଖାଯାଏ । ପରବର୍ତ୍ତୀ ସମୟରେ, ପ୍ରାୟ ୩୦୦ ଖ୍ରୀଷ୍ଟପୂର୍ବରୁ ୪୦୦ ଖ୍ରୀଷ୍ଟାବ୍ଦରେ ମହାଭାରତରେ , ସୌପ୍ତିକା ପରଭା ଅଷ୍ଟମ, ବିରାଟ ପରଭା ଷଷ୍ଠ ଓ ଭୀଷ୍ମ ପରଭା ରେ କାଳୀଙ୍କୁ ଉଲ୍ଲେଖ କରାଯାଇଛି ।

ଖ୍ରୀଷ୍ଟପୂର୍ବ ୫୦୦-୬୦୦ ମଧ୍ୟରେ ହିନ୍ଦୁ ପନଛୋଅନ (ସବୁ ଦେବତାଙ୍କୁ ଉତ୍ସର୍ଗୀକୃତ ମନ୍ଦିର)ଙ୍କ ମଧ୍ୟରେ କାଳୀ ଏକ ଗୁରୁତ୍ୱପୂର୍ଣ୍ଣ କାନୋନିକାଲ୍ ମାନ୍ୟତା ହାସଲ କରିଥିବା ପାଠ ହେଉଛି ଦେବୀ ମହାତ୍ମ୍ୟ । ପ୍ରାୟ ୩୦୦ ଖ୍ରୀଷ୍ଟାବ୍ଦରେ ଏହା ମାର୍କଣ୍ଡେୟ ପୁରାଣରେ ଲେଖାଯାଇଥିଲା । ଦେବୀ ମହାତ୍ମ୍ୟ ହିନ୍ଦୁ ଧର୍ମର 'ମହାନ ପରମ୍ପରା'ରେ ଦେବୀଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ଏହାର ତୃତୀୟ ପର୍ଯ୍ୟାୟରେ କାଳୀ ଦୁର୍ଗାଙ୍କ କପାଳରୁ ଏକ ରୂପ ଭାବରେ ଉଭା ହୋଇଥିଲେ । ସେ ଚଣ୍ଡ, ମୁଣ୍ଡ, ରକ୍ତବିଜ, ଶୁମ୍ଭ ଓ ନିଶୁମ୍ଭଙ୍କୁ ହତ୍ୟା କରି ଚାମୁଣ୍ଡା ଆଖ୍ୟା ଅର୍ଜନ କରିଥିଲେ । ଏହି ଭୟଙ୍କର ବିନାଶକାରୀ ଅବତାର ହାସଲ କରିବା ପରେ ମା' କାଳୀ (ଚାମୁଣ୍ଡା) ଭୟଙ୍କର ନୃତ୍ୟ କରିଥିଲେ । ଏହି ଦେଖି ଦେବତାଗଣ ଭୟଭୀତ ହୋଇ ଶିବଙ୍କୁ ମା'ଙ୍କ କୋପରୁ ପୃଥିବୀକୁ ରକ୍ଷା କରିବାକୁ ଗୁହାରି କରିଥିଲେ । ଶେଷରେ ଶିବଙ୍କ ହସ୍ତକ୍ଷେପ ପରେ ମା'ଙ୍କ ତାଣ୍ଡବ ନୃତ୍ୟ ଶେଷ ହୋଇଥିଲା । ମହାଦେବ ଶିବ ମା' କାଳୀଙ୍କ ଆଗରେ ଲମ୍ବ ହୋଇ ଶୋଇପଡିଲେ ଓ ମା' କାଳୀ ମହାଦେବଙ୍କ ଛାତିରେ ପାଦ ରଖିବା ପରେ ତାଣ୍ଡବ ନୃତ୍ୟ ଶେଷ ହୋଇଥିଲା । ମା' କାଳୀ ଯିଏ ମା ଦୁର୍ଗାଙ୍କ ଅନ୍ୟ ଅବତାର । ସ୍ୱାମୀ ଶିବଙ୍କ ଉପରେ ଗୋଡ ରଖିବା ପରେ ଜିଭ କାଢି ଦେଇଥିଲେ । ମା'ଙ୍କ ଜିଭ କଢା ଅବତାର କାଳୀ ଭାବେ ସୁପ୍ରସିଦ୍ଧ ।

ଆଶ୍ଚର୍ଯ୍ୟର କଥା ହେଉଛି କି, କାଳୀ ଭାଗବତ ଗୀତାରେ ସିଦ୍ଧାନ୍ତର ଏକ ତାନ୍ତ୍ରିକ ଅବାତର । ସେ କୌଣସି ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ରାକ୍ଷାସ ଓ ଏହା ସହିତ ସମ୍ବନ୍ଧିତ ବାହାର ଶତ୍ରୁଙ୍କ ବିପକ୍ଷରେ ଲଢେଇର ଦେବୀ । ଅବଶ୍ୟ ଏହାକୁ ଧର୍ମଶାସ୍ତ୍ରୀମାନେ ବିରୋଧ କରିପାରନ୍ତି । କିନ୍ତୁ ହିନ୍ଦୁ ଦେବତାଙ୍କ ମଧ୍ୟରେ ମା' କାଳୀଙ୍କ ବର୍ଣ୍ଣନା ବହୁତ ବିଳମ୍ବରେ ହୋଇଛି ଓ ମା' କାଳୀଙ୍କ ଆଦର୍ଶର ବିକାଶ ଗୀତା ବର୍ଣ୍ଣିତ ପରେ ହୋଇଛି । ହିନ୍ଦୁ ବିଶ୍ୱାସରେ ମା' କାଳୀଙ୍କ ଉପସ୍ଥିତି ନେଇ ଅଧିକ ଜାଣିବାକୁ ଅଷ୍ଟାଦଶ ଶତାବ୍ଦୀରେ ବର୍ଣ୍ଣିତ ବେଙ୍ଗଲୀ ଶାକ୍ତ କବିତାକୁ ପଢ଼ିବାକୁ ପଡିବ । ବଙ୍ଗୀୟ ଶାକ୍ତ କବି କମାଳାକାନ୍ତ ଭଟ୍ଟାଚାର୍ଯ୍ୟ ଓ ରାମପ୍ରସାଦ ସେନଙ୍କ ମତରେ ମା' କାଳୀ ହେଉଛନ୍ତି 'ଆଦିଭୂତ', 'ସନାତନୀ', 'ଶୂନ୍ୟରୂପୀ' । ମା'ଙ୍କ ରୂପରେ ଅଭିଭୂତ ହୋଇ ବାଳକ ରୂପି କବି ପଚାରିଲେ, 'ବ୍ରହ୍ମାଣ୍ଡ ଚିଲ୍ଲୋ ନା ଜାଖନ, ମୁଣ୍ଡୋ ମାଲା କୋଥା ପେଲି' । ଅର୍ଥାତ୍ ଯେତେବେଳେ ବ୍ରହ୍ମାଣ୍ଡ ନଥିଲା, ସେବେ ଆପଣଙ୍କ ବିକରେ ମୁଣ୍ଡମାଳା ଆସିଲା କେଉଁଠୁ । ବଙ୍ଗୀୟ ଶାକ୍ତ କବିତାରେ ହିନ୍ଦୁ ଧର୍ମରେ ମା' କାଳୀଙ୍କ ପୂଜା ପାଠ ସଂପର୍କରେ ବାଖ୍ୟା ହୋଇଛି । ମା' କାଳୀଙ୍କ ପୂଜାରେ ସାଧାରଣତଃ ପଞ୍ଚତତ୍ୱ ବା ପଞ୍ଚମକାର ସାମିଲ ହୋଇଥାଏ । ପାଞ୍ଚ ତାନ୍ତ୍ରିକ ତତ୍ୱ ଯଥା- ମଦ, ମାଂସ, ମାଛ, ଶସ୍ୟ, ମୈଥୁନ (ଇନ୍ଦ୍ରିୟ ସୁଖ) ସାମିଲ ହୋଇଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି , କାଳୀ ପୂଜାର ଏହି ଉପାଦାନଗୁଡିକ ସାମାଜିକ ମନ୍ଦତା ସୃଷ୍ଟି କରୁଥିବା ଉପାୟରେ ବ୍ୟବହାର ପାଇଁ ନୁହେଁ । ବରଂ ଅଧିକ ଆଧ୍ୟାତ୍ମିକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିଶେଷ କରି ମା' କାଳୀଙ୍କୁ ଭାରତରେ ପ୍ରମୁଖ ୧୦ (ଅବତାର) ରୂପରେ ପୂଜାପାଠ କରାଯାଏ । ଭାରତ ତଥା ଉପମହାଦେଶରେ ଦେବୀ ମା' କାଳୀ ଆଦି ଶକ୍ତି ଭାବେ ପୂଜା ପାଆନ୍ତି । ଦକ୍ଷିଣ ଏସିଆ, ବେଙ୍ଗଲ, ଆସାମ, ନେପାଳ, ଓଡିଶା, ଦକ୍ଷିଣ ଭାରତ, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ମା' କାଳୀଙ୍କୁ ସମାଜର ସବୁ ବର୍ଗର ଲୋକେ ପୂଜା ପାଠ କରିଥାନ୍ତି । ଏପରିକି ହିନ୍ଦୁ ଧର୍ମର ଶାସ୍ତ୍ର ଗୁଡିକରେ ମା' କାଳୀଙ୍କୁ ନେଇ ଅନେକ କଥାବସ୍ତୁ ବର୍ଣ୍ଣିତ । ଏପରିକି କେତେକ ପବିତ୍ର ସ୍ଥାନ ଅଛି , ଯାହା ମା' କାଳୀଙ୍କ ସହିତ ଜଡିତ ଥାଇ ମଧ ମୁସଲିମ ସୁଫି ସନ୍ଥଙ୍କ ସହ ଜଡିତ ରହିଛି । ଯେପରିକି ପାଭାଗଡର ସଦାନ ସାହ ଓ ଏଟୱା ସ୍ଥିତ ସାୟିଦ ବାବା ମଜାର । ବେକରେ ମଣିଷ ଖପୁରୀ, ହାତର ମାଳ ସହ ରକ୍ତରେ ଆଚ୍ଛାଦିତ ମା' କାଳୀଙ୍କ ଅବତାର । ଖ୍ରୀଷ୍ଟିଆନ ଉପନିବେଶ ମିସେନାରୀ ମୃତ୍ୟୁର ବାର୍ତ୍ତା ପ୍ରଦାୟିନୀ ମା' କାଳୀଙ୍କ ରୂପରେ ଖପ୍ପା ହୋଇଥିଲା । କାରଣ ଖ୍ରୀଷ୍ଟିଆନ ଉପନିବେଶ ମିସେନାରୀ ମା' କାଳୀଙ୍କ ଅବତାରରେ ଅତିଷ୍ଠ ହୋଇ ଭାରତର ଧାର୍ମିକ ଅନୁଚିନ୍ତାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲା ।

ଯିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଡାକୁଛନ୍ତି ସେ ହେଉଛନ୍ତି ମହାକାଳ । ଯିଏ ସେହି ମହାକାଳକୁ ନିୟନ୍ତ୍ରଣ କରନ୍ତି ସେ ହେଉଛନ୍ତି ମହାକାଳୀ । ପ୍ରକୃତରେ ମା' କାଳୀ ଅନନ୍ତତାର ପ୍ରତୀକ । ମହାନିର୍ବାଣ ତନ୍ତ୍ରରେ କୁହାଯାଇଛି ଯେ ମହାକାଳ ସମସ୍ତ ଜୀବଙ୍କୁ ଡାକୁଛନ୍ତି । ଯିଏ ନିଜ ଶରୀରରେ ମହାକାଳର ମହାପ୍ରହାର ଦ୍ୱାରା ଆହତ ହୋଇଥିବା ସୁଖ ପାଇଁ ସେହି ମା' ମହାକାଳୀକୁ ଡାକୁନାହିଁ । ବୁଝିବା ଆବଶ୍ୟକ ମହାକାଳର ନିକଟରେ କେହି ଅପରାଜିତ ନୁହଁନ୍ତି ।ଯେଉଁମାନେ ଆତ୍ମ ଅହଂକାରରେ ନିରନ୍ତର ଗର୍ବିତ, ସେହି ମାନଙ୍କୁ ଦିନେ କାଳର ଭୟଙ୍କର ପ୍ରହାର ସେମାନଙ୍କ ସମସ୍ତ ଗର୍ବ ଅହଙ୍କାରକୁ ଚୂର୍ଣ୍ଣ କରିବ । କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ ବିନାଶକାରୀଙ୍କ ଦ୍ୱାରା ପୂଜା ପାଇଥିବା ମାତା କାଳୀ । ପରବର୍ତ୍ତୀ ହଜାର ହଜାର ବର୍ଷ ପରେ ରାମପ୍ରସାଦ, ଶ୍ରୀରାମକୃଷ୍ଣ ଓ ବୁସ୍ତାନନ୍ଦ ଆଗମବାଗୀଶଙ୍କ ଦ୍ୱାରା ମା' ଭାବରେ ପୂଜା ପାଇଥିଲେ ମାତା କାଳୀ । ମା' ଜଳରେ, ସ୍ଥଳରେ, ଅନ୍ତରୀକ୍ଷରେ, ଗଛରେ, ଅଗ୍ନିରେ, ଔଷଧରେ, ମାନବ ଶରୀରରେ, ମନରେ, ପ୍ରେମରେ, ବୃଦ୍ଧିରେ, ଗର୍ବରେ ସେ ସବୁ କିଛିରେ ବିଦ୍ୟମାନ । ସେହି ମା' ମାନବ ଚେତନା, ସ୍ମୃତିରେ, ସମ୍ମାନରେ, ନିଦ୍ରାରେ, କ୍ଷୁଧାରେ, ତୃଷାରେ, କ୍ଷମାରେ, ଲଜ୍ଜାରେ, ଦଣ୍ଡରେ, ଅସ୍ତିତ୍ୱରେ ବିଦ୍ୟମାନ । ଦଶାୟନ ସିଦ୍ଧ ବୋଲି କୁହାଯାଉଥିବା ଦଶ ମହାବିଦ୍ୟାଙ୍କ ମଧ୍ୟରୁ ପ୍ରଥମ ହେଉଛନ୍ତି ମା' କାଳୀ । ଏହି କାଳୀଙ୍କ ବିଭିନ୍ନ ରୂପ ଦେଖିବାକୁ ମିଳେ । ଯଥା, ଦକ୍ଷିଣାକାଳୀ, ଭଦ୍ରକାଳୀ, ସିଦ୍ଧାକାଳୀ, ଗୁହାକାଳୀ ପ୍ରସାଦ । ଏଥିମଧ୍ୟରୁ ବାଲାରେ ଦକ୍ଷିଣାକାଳୀ ରୂପକୁ ସର୍ବାଧିକ ପୂଜା କରାଯାଏ । ମାତାଙ୍କ ଏହି ମୂର୍ତ୍ତିରେ ସେ ଗୋଟିଏ ହାତରେ ଏକ ଛୋଟ ହାତୁଡ଼ି ଓ ଖଣ୍ଡା ଧାରଣ କରନ୍ତି । ସେ ଅନ୍ୟ ହାତରେ ଏକ ଢାଲ ଧାରଣ କରନ୍ତି। ଦକ୍ଷିଣାକାଳୀଙ୍କ ସବୁଠାରୁ ପ୍ରସିଦ୍ଧ ପ୍ରତିମା ହେଉଛନ୍ତି ସମୁଦ୍ରର ଦେବୀ । ସେ ସାଧାରଣ ଭାଷାରେ ଶ୍ୟାମାକାଳୀ ଭାବରେ ଜଣାଶୁଣା । ଦକ୍ଷିଣାକାଳୀ ଜଣେ କଳା ଶାଢୀ ପରିହିତା, ଗୋଲ, କେଶହୀନ, ଚାରିହାତ ଓ ମୁକ୍ତ ମାଳାରେ ସଜ୍ଜିତା । ତାଙ୍କ ବାମ ହାତରେ ଖଣ୍ଡା ଅଛି । ତାଙ୍କ ଡାହାଣ ହାତରେ ବରଦାନ ଓ ନିର୍ଭୀକ ମୁଦ୍ରା ଅଛି । ତାଙ୍କର ବର୍ଣ୍ଣ କଳା ମେଘ ପରି, ସେ ଦିଗମ୍ବରୀ । ତାଙ୍କ ଗଳାରେ ଏକ ମୁକ୍ତ ମାଳା ଅଛି। ଅନ୍ୟ ଶବ୍ଦରେ ଦୁଇଟି ଭୟଙ୍କର ଶାରଜାପି ଏକାଠି ବନ୍ଧା ହୋଇଛି । ତାଙ୍କ କଟି ଉପରେ ନାହଜର କଟିବନ୍ଧ ଅଛି । ତାଙ୍କର ନଗ୍ନତା ଭୟଙ୍କର । ତାଙ୍କ ସ୍ତନ ଉଚ୍ଚ, ସେ ଦ୍ରଣିୟଣୀ ଓ ଭଗବାନ ଶିବଙ୍କ ଛାତି ଉପରେ ବିରାଜିତ । ତାଙ୍କର ଡାହାଣ ପାଦ ଶିବଙ୍କ ଛାତି ଉପରେ ରଖାଯାଇଛି । ସେ ମହାଭୀମା, ରାସ ଯୁଗୁଣର ମହାନୀ ଓ ରକ୍ତପାନକାରୀଙ୍କ ମୁଖ । ଦକ୍ଷିଣାକାଳିଙ୍କ ନାମ ଦକ୍ଷିଣାକାଳି, ଦକ୍ଷିଣର ଶାସକ ଯମ ଯେଉଁ ଜାଲରୁ ପଳାୟନ କରନ୍ତି, ତାଙ୍କୁ ଭୟ କରନ୍ତି । ତାଙ୍କୁ ପୂଜା କରି ସେ ତ୍ରିବର୍ଣ୍ଣ ଦକ୍ଷିଣା ରାଣୀଙ୍କ ଦଣ୍ଡ କଳ୍ପନା କରିଥିଲେ । ୧୭ଶ ଶତାବ୍ଦୀରେ ନବଦ୍ୱୀପରେ ନିଜ ହାତରେ ଅଲିଙ୍କ ଏକ ପ୍ରତିମା ସ୍ଥାପନ କରି ସର୍ବୋତ୍ତମ ଫଳ ଦକ୍ଷିଣା ମଧ ପୂଜା କରାଯାଉଥିଲା । ତେଣୁ ସେ ଆଗମେଶ୍ୱରୀ ମାୟା ଭାବରେ ଜଣାଶୁଣା ।

ଅନ୍ୟ ଦୃଷ୍ଟିରେ ଦେଖିଲେ ସେ ଭୟଙ୍କର ଓ ଭୟାବହ ରୂପ ଧାରଣ କରିପାରନ୍ତି । କିନ୍ତୁ ମା' କାଳୀଙ୍କୁ କେବଳ କ୍ରୋଧିତ ରୂପ କିମ୍ବା ବିନାଶକାରୀ ଭାବେ ଚିତ୍ରଣ କରାଯାଇ ପାରିବ ନାହିଁ । କ୍ଷୁଧା କିମ୍ବା ବିନାଶ ପାଇଁ ଅଦମ୍ୟ ଇଚ୍ଛାକୁ ହ୍ରାସ କରାଯାଇପାରିବ ନାହିଁ । ମା' କାଳୀ ମୁକ୍ତି ଓ ଅଂହକାରୀ ବିନାଶକାରୀଙ୍କ ପ୍ରତୀକ । ଯେହେତୁ ଅଷ୍ଟାଦଶ ଶତାବ୍ଦୀରେ ସାର୍ ଜନ ଉଡରୋଫିଙ୍କ ଦ୍ୱାରା ଅନୁବାଦିତ ମହାନୀରଭାନା ତନ୍ତ୍ର ଘୋଷଣା କରେ ?। 'ଯେହେତୁ ସମସ୍ତ ରଙ୍ଗ କଳା ରଙ୍ଗରେ ଅଦୃଶ୍ୟ ହୁଏ, ସେହିପରି ସମସ୍ତ ନାମ ଓ ରୂପ ତାଙ୍କ ଠାରେ ଅଦୃଶ୍ୟ ହୋଇଯାଏ ।'

ମା'ଙ୍କ ରଙ୍ଗ ମେଘ ପରି କଳା । ସେ ଜଣେ ଦିଗମ୍ବରୀ, ଅର୍ଥାତ୍ ଉଲଗ୍ନ । ତାଙ୍କ ଗାଲରେ ଥିବା ମାଳାରୁ ରକ୍ତ ଝରୁଥିବା ତାଙ୍କ ଶରୀରରେ ରଙ୍ଗ ଲଗାଉଛି, ତାଙ୍କ କାନଫୁଲ ଭାବରେ ଦୁଇଟି ଶବ ଦେବୀଙ୍କୁ ଭୟଙ୍କର ଦେଖାଉଛି । ସେ ତାଙ୍କ ଜିଭକୁ ତାଙ୍କ ଦାନ୍ତରେ କାମୁଡ଼ିଛନ୍ତି । ସେ ତାଙ୍କ ହାତରେ ଥିବା ମାଳାଗୁଡ଼ିକୁ ତାଙ୍କ କଟିରେ ବାନ୍ଧିଛନ୍ତି । ସେ ମୃଦୁ ହସୁଛନ୍ତି ଓ ତାଙ୍କ ମୁହଁରୁ ରକ୍ତର ଧାରା ବହିଯାଉଛି । ମନେହୁଏ ତାଙ୍କ ମୁହଁରେ ଅସୀମ ସଂଖ୍ୟକ ସୂର୍ଯ୍ୟଙ୍କ ତେଜ ବିଦ୍ୟମାନ । ସେ ଅତ୍ୟନ୍ତ କ୍ରୋଧିତ, ଜଣେ ଭୟଙ୍କର ଗାୟିକା, ତାଙ୍କର ତିନୋଟି ଚକ୍ଷୁ ସକାଳର ସୂର୍ଯ୍ୟ ପରି ଲାଲ । ଦେବୀ ଏକ ଶବ ରୂପରେ ମହାଦେବଙ୍କ ହୃଦୟରେ ଠିଆ ହୋଇଛନ୍ତି । ଶାସ୍ତ୍ରର ସିଦ୍ଧିରେ କାଳୀ କିମ୍ବା କାଳୀଦାର ବିସ୍ତାର କିମ୍ବା ବିବର୍ତ୍ତନରେ, ଶିବ ଶକ୍ତି ବିନା ଶବର ରୂପ ନିଅନ୍ତି ବୋଲି ଦାର୍ଶନିକ ଚିନ୍ତାଧାରା ବହୁତ ପ୍ରସିଦ୍ଧ ହୋଇଯାଏ । କାଳିକାଦେବୀ ଏକ ଶବ ନୁହଁନ୍ତି । ଘରେ ଘରେ ମା'ଙ୍କ ପୂଜା କରାଯାଏ । ଯେତେବେଳେ ମହାମାରୀ, ଦୁର୍ଭିକ୍ଷ, ଭୂମିକମ୍ପ, ମରୁଡି କିମ୍ବା ପ୍ରବଳ ବର୍ଷା ହୁଏ, ଭକ୍ତମାନେ କାଳୀ ମା'ଙ୍କ ପୂଜାରେ ନିଜକୁ ନିୟୋଜିତ କରନ୍ତି ।

ମା' କାଳୀ ତାଙ୍କ ଡାହାଣ ତଳ ହାତ ସାହାଯ୍ୟରେ ଭକ୍ତମାନଙ୍କୁ ଆଶ୍ରୟ ଦେଉଛନ୍ତି । ସାରଥି ଅକ୍ଷରଙ୍କ ଆଠଟି ମହାନ ନାମ ଅନୁସାରେ, 'ଗୋଟିଏ ହାତ ଆଘାତ କରେ ଓ ଗୋଟିଏ ହାତ ସାନ୍ତ୍ୱନା ଦିଏ । ଗୋଟିଏ ହାତ ପୂଜା କରେ ଓ ଅନ୍ୟଟି ପିଲାକୁ ତା'ର କୋଳରେ ଧରିଥାଏ । ବିପରୀତ ଦିଗର ଏପରି ଅସମ୍ପୂର୍ଣ୍ଣ ସମନ୍ୱୟ, ସମୟର ଏକ ସମ୍ପୂର୍ଣ୍ଣ ପ୍ରକାଶନ ପ୍ରକୃତିର ଶକ୍ତିର ଏପରି ସର୍ବୋଚ୍ଚ ପ୍ରତୀକ, ସମଗ୍ର ବିଶ୍ୱରେ କେବେ ଦେଖାଯାଇ ନାହିଁ ।' ମା'ଙ୍କ କଣ୍ଠରେ ପଚାଶ ମୁଣ୍ଡ ଦେଖାଯାଏ । ପଚାଶ ମୁଣ୍ଡ ହେଉଛି ପଚାଶ ଶରୀରର ପ୍ରତୀକ । କାମଧେନୁ ତନ୍ତ୍ରରେ, ଦେବୀ କହିଛନ୍ତି, 'ଏମା କଷତେ ସ୍ଥିଳଂ ବୀଜ ପଞ୍ଚାଷଦ ବର୍ଣ୍ଣତିମନ୍ତ୍ର।' ମୋ କଣ୍ଠରେ ୫୦ଟି ବର୍ଣ୍ଣବୀଜ ଅଛି । ଅକ୍ଷରା ହେଉଛି ବ୍ରତ, ଏହାର କୌଣସି କ୍ଷର ନାହିଁ । ଶବ୍ଦ ହେଉଛି ବ୍ରହ୍ମ, ଅକ୍ଷରର ଧାରା ହେଉଛି ଶବ୍ଦର ଉତ୍ପତ୍ତି । ଯେଉଁମାନେ ଦେବୀଦେବୀଙ୍କୁ ମନେ ରଖନ୍ତି , ସେମାନେ ମନ୍ତ୍ର ଜପ କରନ୍ତି । ତେଣୁ ଅକ୍ଷରର ପ୍ରତୀକ ହେଉଛି ତାଙ୍କ କଣ୍ଠରେ ଥିବା ମସ୍ତକ। ଶକ୍ତି ଓ ଶିବ ମଙ୍ଗଳ । ମା'ତୁ ଗଠନରେ , ପୂଜାରେ, ମା'ଙ୍କ ପାଦ ସ୍ପର୍ଶରେ ମଣିଷ ଶରୀର ଶିବ ରୂପ ଗ୍ରହଣ କରିବାର ପ୍ରକୃତ ଅର୍ଥ ହେଉଛି ଶକ୍ତି ତତ୍ତ୍ୱର ପ୍ରାଧାନ୍ୟ । କାଳୀ ମଙ୍ଗଳ ଉପରେ ଶାସକ ଶକ୍ତି । ବର୍ତ୍ତମାନର ବିଶ୍ୱକୁ ଦେଖିଲେ ଦେଖାଯାଏ , ଜନସାଧାରଣ ସେମାନଙ୍କର ଶକ୍ତିର ଅପବ୍ୟବହାର କରୁଛନ୍ତି । ଯଦିଓ ପରମାଣୁ ଶକ୍ତି ବ୍ୟବହାର କରିଦେଶର ଗୌରବ ବୃଦ୍ଧି କରାଯାଇପାରିବ । କିନ୍ତୁ ଅନେକ ଏହାର ଅପବ୍ୟବହାର କରୁଛନ୍ତି । ମା'ତୁ ଗଠନ ଓ ପୂଜା ଆମକୁ ଶିକ୍ଷା ଦିଏ ଯେ ଆମେ ଆମର ଶକ୍ତିକୁ ଭଲ ପାଇଁବ୍ୟବହାର କରିବା ଉଚିତ୍...!!!


ଅଧକ୍ଷ, ଓଡିଆ ଭାଷା ଓ
ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ,
କଟକ-୪
ମୋ : ୯୦୪୦୧୫୧୪୭୫


## ଆସୁରିକତା ବିଲୋପର ପର୍ବ : ଦୀପାବଳି




ଭୋଳାନାଥ ସାହୁ


ଏ କାଳୀ ପୂଜା ନୁହେଁ; କାଳର ପୂଜା । କାଳ ବା ସମୟ ଜୀବନଚକ୍ରର ସତର୍କ ଘଂଟି । ଏହି କାଳ ବା ସମୟ ସେ ଦିନ ସୃଷ୍ଟି ସର୍ଜନାର ମାନରକ୍ଷା ନିମନ୍ତେ ଜଣେ ପତିବ୍ରତା ରମଣୀଙ୍କୁ ଭୟଙ୍କର ସଂହାରିଣୀ ବେଶ ଧାରଣ କରିବାକୁ ବାଧ କରିଥିଲା । ସେ ଭୟଙ୍କର 'ନରମୁଣ୍ଡ ମାଳିନୀ କାଳୀ' ନାମରେ ନାମିତ । ତାଙ୍କ ନିମନ୍ତେ ବ୍ୟବସ୍ଥିତ ପୂଜାର ନାମ 'କାଳୀପୂଜା' । ଶାସ୍ତ୍ର କୁହେ - 'ଏକୈକ ଶକ୍ତି ପରମେଶ୍ୱରସ୍ୟ' । ପରମେଶ୍ୱରଙ୍କ ଗୋଟିଏ ଶକ୍ତି ବିନିଯୋଗ ସମୟରେ ଏହା ଭିନ୍ନ ଭିନ୍ନ ରୂପ ଲାଭ କରିଥାଏ । ଯଥା - ଭୋଗ ନିମନ୍ତେ ସେ ଭବାନୀ, ସମର ନିମନ୍ତେ ସେ ମା' କାତ୍ୟାୟିନୀ ଏବଂ କ୍ରୋଧ ପ୍ରକାଶ ସମୟରେ ସେ ଉଗ୍ର ଚଣ୍ଡୀ ମା'କାଳୀ । ଏ ସ୍ୱରୂପର କୌଣସି ଇୟତା ନାହିଁ । କଳି ଯୁଗରେ କାଳୀପୂଜା ହିଁ ତୁରନ୍ତ ଫଳପ୍ରାପ୍ତିର ପୂଜା । କୁହାଯାଏ - ' ତପେ ବର ନହେଲେ କୋପେ ବର' । ଏ ଯୁଗରେ ତପ ଅପସାରିତ ବରଂ କୋପର ପ୍ରାଧାନ୍ୟ ସର୍ବାଧିକ । କୋପ ରହୁ, ମାତ୍ର ବ୍ୟକ୍ତି କୈନ୍ଦ୍ରିକ ନହେଉ । ଆତ୍ମ ସ୍ୱାର୍ଥ ସଂକୀର୍ଣ୍ଣତାର ପ୍ରତୀକ । ବ୍ୟାପକତା ଆଡ଼କୁ ଗଲେ ଜାତି ବା ଦେଶର ମଙ୍ଗଳ ହୋଇଥାଏ । ପାର୍ବତୀଙ୍କ ଚଣ୍ଡୀ ରୂପ ସ୍ୱାମୀ ମହାଦେବଙ୍କ ଅପମାନ ଉଦ୍ଦେଶ୍ୟରେ ନଥିଲା ବରଂ ପ୍ରଳୟଙ୍କରୀ ଅସୁର ସମ୍ରାଟ ରକ୍ତବୀର୍ଯ୍ୟ ନିଧନ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଠିକ୍ ସେହିପରି ଦୀପାବଳି କେବଳ କାର୍ତ୍ତିକ ଅମାବାସ୍ୟାର ଅମା ଅନ୍ଧକାରକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ ନହୋଇ ସବୁଦିନର ଆସୁରିକ ସାମାଜିକ କଳୁଷତାକୁ ଦୂର କରିବା ନିମନ୍ତେ ଅଭିପ୍ରେତ ହେଉ ।

ରକ୍ତବୀର୍ଯ୍ୟର ଆସୁରିକ ପ୍ରବୃତିର ବିଲୋପ ନିମନ୍ତେ ମା'କାଳୀଙ୍କର ଆବିର୍ଭାବ । ମାତ୍ର ବୈଚିତ୍ର୍ୟ ଏହାଯେ ରକ୍ତବୀର୍ଯ୍ୟକୁ ନିଧନ କଲେ ତା ଶରୀରରୁ ନିର୍ଗତ ରକ୍ତବିନ୍ଦୁଟିଏ ଭୂମିରେ ପଡ଼ିଲେ ରକ୍ତବୀର୍ଯ୍ୟ ସଦୃଶ ବଳଶାଳୀ ଶହ ଶହ ରକ୍ତବୀର୍ଯ୍ୟ ମାନେ ଜନ୍ମ ନେବେ । 'ସାଧନା' ଏବଂ 'ବରଦାନ' - ଏହାଥିଲା ପ୍ରାଚୀନ ସମାଜର ଏକ ପରମ୍ପରା । ତପସ୍ୟା ଓ ସାଧନା କେବେ ବୃଥା ଯାଏ ନାହିଁ । ତପସ୍ୟା ଦ୍ୱାରା ଦେବତାଙ୍କ ଆଶୀର୍ବାଦ ଲାଭ କରି ଶକ୍ତିଶାଳୀ ହେବାର ଦୃଷ୍ଟାନ୍ତ ପ୍ରାଚୀନ ସମାଜରେ ଅନେକ ଥିଲା । ବ୍ରହ୍ମାଙ୍କ ବରରେ ବଳୀୟାନ ରକ୍ତବୀର୍ଯ୍ୟ ଏହାର ଦୃଷ୍ଟାନ୍ତ । ବ୍ରହ୍ମାଙ୍କ ବରରେ ବଳୀୟାନ ରକ୍ତବୀର୍ଯ୍ୟକୁ ଦେବତା, ଗନ୍ଧର୍ବ, ଦାନବ, ଯକ୍ଷ, ପିଶାଚ, ପଶୁ, ପକ୍ଷୀ, ମନୁଷ୍ୟ ଶକ୍ତିର କୌଣସି ପୁରୁଷ ବଧ କରିପାରିବ ନାହିଁ । ନାରୀଦ୍ୱାରା ସେ ବଧ ହେବ । ପୁରୁଷ ପରି ଶକ୍ତିଶାଳୀ ଜୀବ ବିଶେଷ ଯେତେବେଳେ ରକ୍ତବୀର୍ଯ୍ୟର କୌଣସି କ୍ଷତି ପହଂଚାଇ ପାରିବ ନାହିଁ, ଯାହା ନାରୀ ଦ୍ୱାରା ସମ୍ଭବ- ଏହା ରକ୍ତବୀର୍ଯ୍ୟ ପାଇଁ ଏକ ହାସ୍ୟାସ୍ପଦ ବର ଥିଲା ବୋଲି ସେ ଭାବି ନେଇଥିଲା । ତେଣୁ ସେ ସମସ୍ତ ଦେବା ଦେବୀଙ୍କୁ ପରାସ୍ତ କରି ସ୍ୱର୍ଗପୁର ଜୟ କରି ନିଜର ଆଧିପତ୍ୟ ଜାହିର କରିବା ପାଇଁ ଇଛା ପ୍ରକାଶ କଲା । ଏଥି ନିମନ୍ତେ ସେ ତୁରନ୍ତ ସ୍ୱର୍ଗପୁର ଆକ୍ରମଣ କଲା । ଦେବତା ମାନେ ଭୟଭୀତ ହୋଇ ରକ୍ଷା ପାଇବା ପାଇଁ ଏଣେ ତେଣେ ଦଉଡ଼ା ଦଉଡ଼ି ଆରମ୍ଭ କରିଦେଲେ । ରକ୍ତବୀର୍ଯ୍ୟ ଲୋଲୁପଦୃଷ୍ଟି ନେଇ ଦେବୀ ମାନଙ୍କ ପଶ୍ଚାତଧାବନ କରିବାକୁ ଲାଗିଲା । ସ୍ୱର୍ଗର ସମସ୍ତ ଦେବାଦେବୀ ଆତଙ୍କିତ ହୋଇ କୈଳାଶ ପର୍ବତରେ ପଦାର୍ପଣ କରି ମାତା ପାର୍ବତୀଙ୍କୁ ମନର ଦୁଃଖ ଜଣାଇଲେ । ଦେବୀ ପାର୍ବତୀ ଦେବା ଦେବୀ ମାନଙ୍କର ମନର ଗହନ କଥାକୁ ଶୁଣିଲେ । ପଶ୍ଚାତଧାବନକାରୀ ରକ୍ତବୀର୍ଯ୍ୟ ମଧ ସେଠାରେ ପହଂଚିଲା । ଦେବୀ ପାର୍ବତୀ ସମସ୍ତ ଦେବା ଦେବୀଙ୍କୁ ପଛକୁ ହଟିଯିବାକୁ ନିର୍ଦ୍ଦେଶଦେଲେ ଓ ରକ୍ତବୀର୍ଯ୍ୟକୁ ସାମନା କରିବା ପାଇଁ ଆଗକୁ ନିର୍ଗତା ହେଲେ । ରକ୍ତବୀର୍ଯ୍ୟ ଦେବୀ ପାର୍ବତୀଙ୍କୁ ଦେଖିବା ମାତ୍ରେ ମୋହିତ ହୋଇଗଲେ । ନିଜର ଆସୁରିକ ପ୍ରବୃତି ନେଇ ଦେବୀ ପାର୍ବତୀଙ୍କୁ ତାଙ୍କ ସହିତ ଯିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ଦେବୀ ପାର୍ବତୀ ରକ୍ତବୀର୍ଯ୍ୟକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଲେ । ଜଣେ ନାରୀର ଏହି ନିର୍ଦ୍ଦେଶକୁ ଜଣେ ରାକ୍ଷସ କାହିଁକି ବା ଖାତିର କରନ୍ତା ? ରକ୍ତବୀର୍ଯ୍ୟ ଦେବୀ ପାର୍ବତୀଙ୍କ କଥା ଶୁଣି ଅଟହାସ୍ୟ କରିବାକୁ ଲାଗିଲା । ଲୋଭନୀୟ ଦୃଷ୍ଟିରେ ଫେରିଯିବା ପରିବର୍ତେ ପାର୍ବତୀଙ୍କ ଆଡ଼କୁ ଆଗେଇବାକୁ ଲାଗିଲା । ରାକ୍ଷସର ହସ ଏବଂ ଆକ୍ରମଣର ପ୍ରବୃତି ପାର୍ବତୀଙ୍କୁ କ୍ରୋଧାନ୍ୱିତ କଲା । ତେଣୁ ସେ ନିଜ ପାଖରେ ଥିବା ଶିବଙ୍କର ତ୍ରିଶୁଳ ଉଠାଇ ରକ୍ତବୀର୍ଯ୍ୟର ଶରୀରକୁ ନିକ୍ଷେପ କଲେ । ରକ୍ତବୀର୍ଯ୍ୟ ରକ୍ତାକ୍ତ ହୋଇପଡ଼ିଲା । ମାତ୍ର ବ୍ରହ୍ମାଙ୍କର ବରଦାନ ଅନୁଯାୟୀ ଭୂମିରେ ଯେତେ ଟୋପା ରକ୍ତ ପଡୁଥାଏ ରକ୍ତବୀର୍ଯ୍ୟ ସଦୃଶ ସେତେଗୋଟି ରକ୍ତବୀର୍ଯ୍ୟ ଜନ୍ମ ନେଉଥାନ୍ତି । ଏହା ଦେଖି ରକ୍ତବୀର୍ଯ୍ୟର ସାହସ ବଢ଼ିଲା ଓ ଅଟହାସ୍ୟ ପ୍ରବଳରୁ ପ୍ରବଳତର ହେଲା । ଏହା ଶୁଣି ମାତା ପାର୍ବତୀ ଅଧିକରୁ ଅଧିକ କ୍ରୋଧାନ୍ୱିତା ହେଲେ । ରକ୍ତବୀର୍ଯ୍ୟ ମାନଙ୍କ ଉପରେ ତ୍ରିଶୂଳ



ପ୍ରହାର କରିଚାଲିଲେ । ଦେବୀ ପାର୍ବତୀ ଯେତିକି ତ୍ରିଶୂଳ ପ୍ରୟୋଗ କରି ରକ୍ତ ଝରାଉଥାନ୍ତି, ରକ୍ତ ଭୂମିରେ ପତିତ ହୋଇ ସେତିକି ଅଧିକ ରକ୍ତବୀର୍ଯ୍ୟ ଜନ୍ମ ନେଉଥାନ୍ତି । ରକ୍ତବୀର୍ଯ୍ୟର ଦୌରାତ୍ମ୍ୟ ବୃଦ୍ଧିପାଇବାରେ ଲାଗିଲା । ତାର ଅଟହାସ୍ୟ କେବଳ ଦେବୀ ପାର୍ବତୀଙ୍କୁ ନୁହେଁ ଧରଣୀକୁ ପ୍ରକମ୍ପିତ କରୁଥିଲା । ଦେବୀ ପାର୍ବତୀଙ୍କର କ୍ରୋଧ ଚରମ ସୀମାରେ ପହଂଚିଲା । ତାଙ୍କର କ୍ରୋଧ ଜର୍ଜରିତ ଶରୀର ଗୌରବର୍ଣ୍ଣରୁ କଳା ପଡ଼ିଗଲା । ଚକ୍ଷୁ ଦ୍ୱୟ ରକ୍ତପରି ଲାଲ ହୋଇଗଲା । ଦେଖୁ ଦେଖୁ ଦେବୀ ପାର୍ବତୀ ଏକ ଭୟଙ୍କର ରୂପ ଲାଭକଲେ । ସେ ମଧ ରକ୍ତବୀର୍ଯ୍ୟ ପ୍ରତି କଡ଼ା ବଚନ ପ୍ରଦାନ କରିଚାଲିଲେ । ଦେବୀଙ୍କର ବଚନରେ ସମଗ୍ର ପୃଥିବୀ ପ୍ରକମ୍ପିତ ହେଲା । ଦେବୀଙ୍କ ନିକଟରେ ଠିଆ ହୋଇଥିବା ରାକ୍ଷସ ମଧ ଧ୍ୱଂସ ପାଇଲେ । ପାର୍ବତୀଙ୍କର ରୂପ ପରିବର୍ତ୍ତିତ ହୋଇ ଚାଲିଥାଏ । କିଛିକ୍ଷଣ ମଧ୍ୟରେ ବାଘଛାଲ ପରିହିତା, ହସ୍ତରେ ପ୍ରତିଶୋଧର ଖଡ୍ଗ, ଗଳାରେ ନରମୁଣ୍ଡର ମାଳା ପରିହିତା ମା'କାଳୀ ଦଣ୍ଡାୟମାନ ହେଲେ । ଏହିରୂପ ଏକାନ୍ତ ଭାବରେ ଭୟଙ୍କର ଓ ବିକଟାଳ ଥିଲା । ଏହି ବିଭତ୍ସ ଓ ଭୟଙ୍କର ରୂପ ଦେଖି ରକ୍ତବୀର୍ଯ୍ୟ ଭୟଭୀତ ହୋଇ ଦଉଡ଼ିବାକୁ ଲାଗିଲା । ପାର୍ବତୀ ମଧ ଭୟଙ୍କର ଗର୍ଜନ କରି ତାଙ୍କର ପଶ୍ଚାତଅନୁଗମନ କଲେ । ମା'କାଳୀଙ୍କର ଅସ୍ତ୍ର ପ୍ରହାରରେ ଗୋଟିକ ପରେ ଗୋଟିଏ ରକ୍ତବୀର୍ଯ୍ୟ ଓ ରାକ୍ଷସ ମୃତ୍ୟୁବରଣ କଲେ । ସେ ଯେତିକି ରକ୍ତବୀର୍ଯ୍ୟଙ୍କୁ ସଂହାର କରୁଥାନ୍ତି ତାଠାରୁ ଅଧିକ ରକ୍ତବୀର୍ଯ୍ୟ ଜନ୍ମ ନେଉଥାନ୍ତି । ଅସୁର ମାନଙ୍କର ଅଟହାସ୍ୟରେ ମା'ଙ୍କର କ୍ରୋଧ ଅଗ୍ନିରୂପ ଲାଭକଲା । ମା'ଙ୍କର ବିକଟାଳ ହସରେ ମେଦିନୀ ପ୍ରକମ୍ପିତ ହେବାକୁ ଲାଗିଲା । ଦେବୀ ଅସୁର ମାନଙ୍କର ରକ୍ତ ଶୋଷଣ କରି ଗୋଟିକ ପରେ ଗୋଟିଏ ମାରିଚାଲିଲେ । ଆଉ କୌଣସି ରକ୍ତବୀର୍ଯ୍ୟ ଜନ୍ମ ନେଇପାରିଲେ ନାହିଁ । ଏହାପରେ ମା'କାଳୀ ରକ୍ତବୀର୍ଯ୍ୟର ମୁଣ୍ଡକୁ ଧରି ଗଣ୍ଡିରୁ ଅଲଗା କରିଦେଲେ ଓ ମୁଣ୍ଡକୁ ନେଇ ଏକ ଥାଳିରେ ରଖିଲେ । ଟୋପାଏ ରକ୍ତ ମଧ ତଳେ ପଡ଼ିବାକୁ ଦେଲେ ନାହିଁ ଏବଂ ରକ୍ତବୀର୍ଯ୍ୟର ଶରୀରକୁ ସେ ନିଜେ ଗିଳିଦେଇଥିଲେ । ଏହିପ୍ରକାରେ ମା'କାଳୀ ଅସୁର ସମ୍ରାଟ ରକ୍ତବୀର୍ଯ୍ୟକୁ ସଂହାର କରିଥିଲେ । ତିନିପୁରକୁ ରକ୍ତବୀର୍ଯ୍ୟର ଦୌରାତ୍ମ୍ୟରୁ ରକ୍ଷା କରିଥିଲେ । ରକ୍ତବୀର୍ଯ୍ୟ ଓ ଅସୁର ମାନଙ୍କୁ ବଧ କରିବା ପରେ ମଧ ମା' କାଳୀଙ୍କର କ୍ରୋଧ ଶାନ୍ତ ହୋଇନଥିଲା । ସେ କ୍ରୋଧରେ ଜର୍ଜରିତ ହୋଇ ତାଣ୍ଡବ ନୃତ୍ୟ କଲେ । ତାଙ୍କର ଏହିରୂପ ଦେଖି ଦେବତା ମାନେ ମଧ ଚକିତ ହୋଇ ଦେବ ଦେବ ମହାଦେବଙ୍କ ନିକଟରେ ଶରଣାପନ୍ନ ହେଲେ । ମା' କାଳୀଙ୍କର ଏ ରୂପ ଦେଖି ମହାଦେବ ମଧ ତାଙ୍କ ସମ୍ମୁଖକୁ ଯିବା ପାଇଁ ସାହସ କଲେ ନାହିଁ । ଶିବ ଭାବୁଥାନ୍ତି କିଛି ଗୋଟାଏ ଘଟିଯିବ, ସେ କିଛି ହେଲେ କରିପାରିବେ ନାହିଁ । ସତେ ଯେମିତି ଏ ଯୁଗର ଶେଷ ହୋଇଯିବ । ଏହା ଭାବୁ ଭାବୁ ସେ ଶବଟିଏ ପରି ମା'କାଳୀଙ୍କ ସମ୍ମୁଖରେ ଶୋଇପଡ଼ିଲେ । ମା' କାଳୀ ତାଣ୍ଡବ ନୃତ୍ୟ କରି ଆଗକୁ ଆଗକୁ ଆସୁଥାନ୍ତି । ତାଙ୍କର ଗୋଡ଼ ଶୋଇଥିବା ମହାଦେବଙ୍କ ଶରୀରରେ ବାଜିଲା ଓ ସେ ତାଙ୍କ ଉପରେ ଠିଆ ହୋଇ ତାଣ୍ଡବ ନୃତ୍ୟ କଲେ । ଏତିକି ବେଳେ ସେ ତଳକୁ ଚାହିଁ ଦେଖନ୍ତି ସେ ଯାହା ଉପରେ ତାଣ୍ଡବ ନୃତ୍ୟ କରୁଛନ୍ତି ସେ ନିଜର ପତି ଦେବ ଦେବ ମହାଦେବ ଶିବ । ଏହାପରେ ମା' କାଳୀଙ୍କର କ୍ରୋଧ ଶାନ୍ତ ହେଲା ଓ ଲଜ୍ଜା ବଶତଃ ଜିଭ ବାହାର କରି କାମୁଡ଼ି ଦେଇଥିଲେ । ଶତ୍ରୁ ସଂହାର ପାଇଁ ତାଣ୍ଡବ ନୃତ୍ୟ ହେଉ, କିନ୍ତୁ ତାହା ପତି ଅପମାନର କାରକ ନହେଉ । ନାରୀର ସମ୍ମାନ ଦେଶ ଓ ଜାତିର ସମ୍ମାନ । କୁହାଯାଏ - 'ଯେଉଁଠାରେ ନାରୀ ସମ୍ମାନୀତା, ସେଠାରେ ଦେବତା ମାନେ ବାସ କରନ୍ତି ।' ସମାଜର କଳୁଷ ଦୂର ନିମନ୍ତେ ନାରୀର ଏତାଦୃଶ ଉଗ୍ରରୂପ ଏକାନ୍ତ ଜରୁରୀ । ଏ ଆଲୋକର ପର୍ବ ସମସ୍ତ ଆସୁରିକ ପ୍ରବୃତି ବିଲୋପର ପର୍ବ ହେଉ । ଯାହାଦ୍ୱାରା ପ୍ରତ୍ୟେକ ନିଜ ନିଜର ଜୀବନ ପଥକୁ ସୁଗମ କରିପାରିବେ ।


+ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ ।
ମୋ: ୯୯୩୭୧୫୧୩୧୦ ।

# ଦୀପାବଳି ଓ ଶବ୍ଦ ପ୍ରଦୂଷଣ



## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି । କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାଗର ରହି ତାସ୍ କିମ୍ବା ପଶା ଖେଳର ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଞ୍ଚଳର ଲୋକେ । ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ କୁହାଯାଇଥାଏ । ଆହୁରି ମଧ ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି । ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରୀରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ । ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି ।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି । ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ । କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି । ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ । ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି । ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍ । ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ । ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍ । ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି । ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି । କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି । ଯେଉଁ ପିଏମ୍ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା । ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ । ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି । ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା । ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଦୀପାବଳି ସହିତ ଶବ୍ଦ ପ୍ରଦୂଷଣର ସମ୍ପର୍କ ରହିଛି । କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତୁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍‌ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍‌ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍‌ସିଅମ୍ ନାଇଟ୍ରେଟ୍ ଇତ୍ୟାଦି । ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍‌ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ । ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ ।

ବର୍ଷକ ତମାମ ଭିତରେ ବିଶେଷକରି ଓଡ଼ିଆ ମାନଙ୍କ ପାଇଁ ପୁଣ୍ୟ କାର୍ତ୍ତିକ ଭିତରେ ଆସିଥାଏ ଏହି ଶୁଭ ଦୀପାବଳି । ଯାହାକି ହେଉଛି ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ । ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ । ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ । ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ । ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ ବ୍ୟାପକ ହୋଇଥାଏ । ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ । ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ । ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ । ଯାହାଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ । ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା । ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅସଚେତନତା ପାଇଁ ଆମେ ଏହାକୁ ଗୁରୁତ୍ୱ ଦେଇନଥାଉ । ଦୀପାବଳିରେ ବାଣ ଓ ବାହ୍ୟ ଖର୍ଚ୍ଚ ଅପେକ୍ଷା ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦୀତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ସ୍ମରଣ ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି ।


+ବାକଶ୍ରବଣ ବିଶେଷଜ୍ଞ,
'ଧ୍ୱନୀ' କାଠଗୋଲା ରୋଡ଼,


# ଦୀପାବଳିର ଇତିକଥା

## ମୁରଲୀଧର ସାମଲ



ଭାରତର ପ୍ରାୟ ସବୁ ରାଜ୍ୟରେ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥାଏ । ଏଭଳି ସର୍ବଭାରତୀୟ ଲୋକୋତ୍ସବ ବିରଳ । ନେପାଳରେ ତ ନିଶ୍ଚୟ ପାକିସ୍ଥାନର କେତେକ ହିନ୍ଦୁ ବହୁଳ ଅଞ୍ଚଳରେ ମଧ ଦୀପାବଳି ପର୍ବ ପାଳିତ ହୋଇଥାଏ । ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କାରଣରୁ ଏହି ଉତ୍ସବ ପାଳନ କରିଥାନ୍ତି । ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ମୀପୂଜାକୁ କେନ୍ଦ୍ର କରି ଦିଅଲି ବା ଦୀପାବଳି ପାଳୁଥିବା ବେଳେ ଦକ୍ଷିଣ ଭାରତ ପବିତ୍ର ନଦୀଗୁଡ଼ିକରେ ପୁଣ୍ୟାର୍ଥୀ ସ୍ନାନାଦି କର୍ମରେ ଏହି ଉତ୍ସବ ପାଳନ କରିଥାଆନ୍ତି । ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ ।

କେବେ ଏହାର ଆରମ୍ଭ ସେଥିରେ ସଂଶୟ ଅଛି । ନାନା ମୁନିର ନାନା ମତ ଥିଲେ ମଧ ହିନ୍ଦୁ ଧର୍ମର ନାନା ପ୍ରକାର ଭୟଭୀତର ସଂସ୍କାରରୁ ଏ ଉତ୍ସବର ଆରମ୍ଭ ବୋଲି କେତେ ମତ ଦିଅନ୍ତି । ହିନ୍ଦୁ ମାନଙ୍କର ଧାରଣା ଯେ ସେମାନଙ୍କ ପୂର୍ବପୁରୁଷ ପାପ କର୍ମର ଫଳ ସ୍ୱରୂପ ମୃତ୍ୟୁ ପରେ ଯମଲୋକରେ ନାନା କଷ୍ଟ ଭୋଗନ୍ତି । ଯମ ଲୋକ ଅନ୍ଧକାରଚ୍ଛନ୍ନ ସ୍ଥାନ । ସେଠାରୁ ସେମାନଙ୍କର ଆଲୋକ ରାଜ୍ୟକୁ ଫେରି ଆଣିବା ପାଇଁ ବର୍ଷକରେ ଥରେ ଏ ସବୁ ଫିକର । ପୂର୍ବ ପୁରୁଷ ଆକାଶରେ ଆଲୋକର ରୋଶଣି ଦେଖି ମର୍ତ୍ତ୍ୟ ଲୋକକୁ ଫେରି ଆସିବେ ଏବଂ ସେମାନଙ୍କ ଜୀବିତ ବଂଶଧରଙ୍କୁ ଆଶୀର୍ବାଦ କରିବେ ସମାଜରେ ଏ ପ୍ରକାର ବିଶ୍ୱାସ ପ୍ରଚଳିତ । ଇତିହାସରେ ଦୀପାବଳି ଉତ୍ସବର ସୂଚନା ମିଳେ । ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି । ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକରେ ଦୀପାବଳି ଉତ୍ସବର ଉଲ୍ଲେଖ ଅଛି । ଆଲବେରୁନିଙ୍କ ଭ୍ରମଣ ବୃତ୍ତାନ୍ତରେ ଦୀପାବଳି ଉତ୍ସବ କଥା ଲେଖା ଅଛି । ଆବୁଲ ଫଜଲ ତାଙ୍କ 'ଆଇନ-ଇ-ଆକବରି' ଗ୍ରନ୍ଥରେ ନିଜ ହାତରେ ଜଳାଇଥିବା ଦୀପ କଥା ଲେଖିଛନ୍ତି । ସମ୍ରାଟ ଦୀପାବଳି ଦିନ ପ୍ରଦୀପ ଜଳାନ୍ତି । ଆଜି ମଧ ଗୁଜୁରାଟର ବରଦା ସଂଗ୍ରହାଳୟରେ ସଯତ୍ନେ ରଖା ହୋଇଛି ସମ୍ରାଟ ଜଳାଇଥିବା ସେଇ ବିଶାଳ ଦୀପ । ସପ୍ତଦାଶ ଶତାବ୍ଦୀ ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣ କରିବାକୁ ଆସିଥିଲେ ସେମାନେ ସମସ୍ତେ ସମ୍ରାଟ ମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଉତ୍ସବ ଦେଖିଥିଲେ ।

ହିନ୍ଦୁ ମହାକାବ୍ୟ 'ମହାଭାରତ'ରେ ଦୀପାବଳିର ଗୁଣକୀର୍ତ୍ତନ କରାଯାଇଛି । ଦୀପ ତେଜଃ ପଦାର୍ଥ ଏବଂ ସର୍ବଦା ଉର୍ଦ୍ଧ୍ୱଗାମୀ । ଦୀପ ଜଳାଇଲେ ମନୁଷ୍ୟ ତେଜସ୍ୱୀ ଏବଂ ଉଚ୍ଚାକାଂକ୍ଷୀ । ସେକାଳର ମଣିଷ ଏସବୁ ଧାରଣରୁ ଦୀପ ଜଳାଇ ଆସିଛି ଏବଂ ଆଜିଯାଏ ଏଇସବୁ ଧାରଣା ଅବ୍ୟାହତ । ଦୀପ ଜଳାଇବା ପବିତ୍ର କାର୍ଯ୍ୟ ବୋଲି ମନେ କରାଯାଏ । ଦୀପାବଳି ଉତ୍ସବରେ ହିନ୍ଦୁମାନଙ୍କ ଘରେ ଘରେ ଲକ୍ଷ୍ମୀପୂଜା ହୁଏ । ଗୃହିଣୀମାନେ ଏଇ ପୂଜା ଘିଅ ଦୀପ ଜଳାଇ ଅନିଦ୍ରା ରହନ୍ତି । ସେମାନଙ୍କ ଧାରଣା ଏଇ ପୂଜାରେ ଲକ୍ଷ୍ମୀ ଦେବୀ ସନ୍ତୁଷ୍ଟ ହୋଇ ଧନ ସମ୍ପତ୍ତି ଦାନ କରନ୍ତି । ଏହି ଦିନ ରାମଚନ୍ଦ୍ର ରାବଣ ବଧକର ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରଦିନ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା । ଅମାବାସ୍ୟା ରାତିରେ ଅଯୋଧ୍ୟା ନଗରୀରେ ଖୁସିର ଲହରି ଖେଳିଯାଇଥିଲା । ସେବେଠାରୁ ଏହି ଦିନ ବାଣ ଫୁଟାଇ ଦୀପ ଜଳାଇ ଏଇ ଉତ୍ସବ ପାଳନ କରାଯାଉଛି । ରାଜା ବିକ୍ରମାଦିତ୍ୟ ହନୁମାନଙ୍କୁ ପରାଜିତ କିଚି ଦେଶରୁ ସଂପୂର୍ଣ୍ଣ ରୂପେ ବିତାଡ଼ିତ କରିଥିଲେ । ଏଇ କାରଣରୁ ରାଜସ୍ଥାନର ଅଧିବାସୀ ରାଜ୍ୟବ୍ୟାପୀ ଆଲୋକ ସଜ୍ଜାଇ ଦୀପାବଳି ପାଳନ୍ତି । ଦୀପାବଳି ଅମାବାସ୍ୟା ପୂର୍ବ ଦିନ 'ନରକ ଚତୁର୍ଦ୍ଦଶୀ' । ଦକ୍ଷିଣ ଭାରତର ଅଧିବାସୀ ଏହି ଦିନଟିକୁ ବେଶ ଗୁରୁତ୍ୱ ଦେଇଥାଆନ୍ତି । ଇତିହାସ କୁହେ ଏକଦା ନରକାସୁରର ଅତ୍ୟାଚାରରେ ଦକ୍ଷିଣ ଭାରତର ଲୋକମାନେ ଅତିଷ୍ଠ ହୋଇ ଉଠିଥିଲେ । ନରକାସୁର ଅନ୍ତଃପୁରରେ ପ୍ରାୟ ଷୋହଳ ହଜାର ରମଣୀକୁ ବନ୍ଦୀ କରି ରଖିଥିଲା । ଲୋକେ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ ଏବଂ ଶ୍ରୀକୃଷ୍ଣ, ସତ୍ୟଭାମାଙ୍କ ସହାୟତାରେ ନରକାସୁରକୁ ବଧକରି ସେମାନଙ୍କୁ ଉଦ୍ଧାର କରିଥିଲେ । ଏହି କାହାଣୀକୁ ସ୍ମରଣ କରି ଲୋକେ ଅମାବାସ୍ୟାରେ ଦୀପ ଜଳାଇ କୃଷ୍ଣଙ୍କ ବିଜୟ ତିଥିକୁ ମନେ ରଖିଥାଆନ୍ତି । ମହାରାଷ୍ଟ୍ରରେ ବଳି ରାଜାଙ୍କୁ ସ୍ମରଣକରି ମରାଠୀମାନେ ଦୀପାବଳି ପାଳିଥାଆନ୍ତି । ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ଗୃହତ୍ୟାଗ ଦିବସକୁ ସ୍ମରଣକରି ମୂଳତଃ ଦୀପାବଳି ଉତ୍ସବର ଆୟୋଜନ କରିଥାନ୍ତି । ସେମାନଙ୍କର ବିଶ୍ୱାସ, ଦୀପାବଳିର ଆଲୋକମାଳା ଭଳି ବୁଦ୍ଧଙ୍କ ବାଣୀ ବିଶ୍ୱରେ ସର୍ବତ୍ର ସହଜରେ ବିଚ୍ଛୁରିତ ହୋଇପାରିବ । ଜୈନ ଧର୍ମଗୁରୁ ତୀର୍ଥଙ୍କର ମହାବୀରଙ୍କର କାର୍ତ୍ତିକ ଅମାବାସ୍ୟା ରାତିରେ ମହାନିର୍ବାଣ ହୋଇଥିଲା । ସେହି ସମୟରେ ତାଙ୍କର ପ୍ରଧାନ ଶିଷ୍ୟମାନେ ପାୱାପୁରୀରେ ବ୍ୟାପକ ଆଲୋକ ଝଲମଲ ବ୍ୟବସ୍ଥା କରିଥିଲେ । କାର୍ତ୍ତିକ ମାସରେ ଅମୃତସର ସ୍ୱର୍ଣ୍ଣମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥାଏ । ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ସନ୍ନ୍ୟାସଗ୍ରହଣ ଓ ମୃତ୍ୟୁ, କାର୍ତ୍ତିକ ଆମାବାସ୍ୟାରେ ହୋଇଥିବାରୁ ଶିଖମାନେ ଦୀପାବଳି ପାଳନ କରିଥାଆନ୍ତି । ଶିଖ ମାନଙ୍କ ପଞ୍ଚମ ଗୁରୁ ଅର୍ଜ୍ଜୁନ ସିଂ ଅମାବାସ୍ୟା ଦିନ ଅମୃତସର ଦରବାର ସାହେବ ଗୁରୁଦ୍ୱାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଶିଖମାନଙ୍କ ଷଷ୍ଠଗୁରୁ ହରଗୋବିନ୍ଦ ସିଂ ଜାହାଙ୍ଗୀରଙ୍କ ବିରୋଧରେ ସଶସ୍ତ୍ର ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ । ଗୁରୁ ଓ ତାଙ୍କ ଅନୁଚରଙ୍କୁ ଗୋୱାଲିୟର ଦୁର୍ଗରେ ଜାହାଙ୍ଗୀର ବନ୍ଦୀ କରି ରଖିଥିଲେ । ଶିଖମାନଙ୍କ ପ୍ରତାପ ଓ ରାଜ୍ୟବ୍ୟାପୀ ବିପ୍ଳବ ଦେଖି ସମ୍ରାଟ ଜାହାଙ୍ଗୀର ସମସ୍ତଙ୍କୁ ଏହିଦିନ ମୁକ୍ତ କରିଥିଲେ । ହରଗୋବିନ୍ଦ ସିଂଙ୍କ ବିଜୟ ଉତ୍ସବ ଭାବେ ଏହି ଦିନଟି ପାଳନ କରାଯାଏ ।

ଏହି ଆଲୋକ ସଜ୍ଜାର ଆୟୋଜନ କରି ମଣିଷ କାହିଁକି ଉତ୍ସବର ସାମିଲ ହେଲା ସେ ସଂକ୍ରାନ୍ତରେ ବିଜ୍ଞାନୀମାନଙ୍କ ଧାରଣା, ଆଦିମ ମଣିଷର ଭୂତପ୍ରେତ ଭୟ ଓ ଅନିଷ୍ଟକାରୀ ଶକ୍ତି ଭୟରୁ ରକ୍ଷା ପାଇବା ପାଇଁ ଆଲୋକ ଜଳାଉଥିଲେ । ପର୍ବପର୍ବାଣୀ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସ୍ମରଣ କରିବା ନିମନ୍ତେ ଏପରି ଧାରା ପ୍ରଚଳିତ ।


ଜ୍ୟୋତି ବିହାର, ବିଡ଼ାନାସୀ,
କଟକ,
ମୋ : ୭୯୭୮୮୪୧୭୪୧




## ଆସିଅଛି ଦୀପାବଳି

### ନିରଞ୍ଜନ ସାହୁ

ବରଷକ ପରେ ଧରାଧାମେ ଆଜି
ବିଜେ ମାତା ଶ୍ୟାମାକାଳୀ
ମାଆଙ୍କୁ ସ୍ୱାଗତ କରିବା ନିମିତ୍ତ
ଦିଅ ସର୍ବେ ଦୀପ ଜାଳି ।

ସହଜେ ଆଲୋକ ପର୍ବ ଦୀପାବଳି
ଚାରିଆଡେ ଦୀପ ଜଳେ
ଘରଦ୍ୱାର ଦୀପାଲୋକେ ଆଲୋକିତ
କରିବାକୁ ମନ ଢଳେ
ନାନା କିସମର ବାଣ ଫୁଟାଯାଏ
ଦେଉ ପଛେ ଯିଏ ଗାଳି ।

ପୟାଶ୍ରାଦ୍ଧ ଦେଇ ପିତୃପୁରୁଷଙ୍କୁ
ଡକାଯାଇଥାଏ ଘର
ବଡ଼ବଡୁଆଙ୍କୁ ଡାକିବା ନାଆଁରେ
ବିଦାୟର ଅବସର
କାଉଁରିଆ ବିଡା ପ୍ରତିରୂପ ଜାଳି
ତାଙ୍କ କଥା ହୁଅ ଭାଳି ।

ବିଜ୍ଞାନ ମତରେ ଏହି ସମୟରେ
ଫସଲ ସୁରକ୍ଷା ପାଇଁ
ଆଲୋକ ଜାଳିଲେ କୀଟପତଙ୍ଗ ଯେ
ସେଠାକୁ ଆସନ୍ତି ଧାଇଁ
ନିଆଁରେ ପଡିକି ଆପେ ମରିଯାନ୍ତି
ଯାହାର ମରଣ ପାଳି ।

ଫସଲ ଖାଇବା ନିମିତ୍ତ ବଣରୁ
ଆସିଥାନ୍ତି ବଣଜୀବ
ବାଣ ଫୁଟାଗଲେ କ୍ଷେତକୁ ନ ଆସି
ବଣକୁ ତ ଫେରିଯିବ
ଏପରି ଭାବରେ କ୍ଷେତ ରକ୍ଷା ହୋଇ
ଭରେ ଆମ ଖାଦ୍ୟ ଥାଳି ।

ଦୀପ ଯେଉଁପରି ଅନ୍ଧାର ଦୂରାଏ
ସେହିକଥା ମନେ ଭାବ
ଜ୍ଞାନାଲୋକ ଜାଳି ଅଜ୍ଞାନ ଅନ୍ଧାର
ଦୂରେଇ ଦେବାରେ ଲାଭ
ନୀଳ ସରସ୍ୱତୀ ମା' କାଳୀ ମୂରତି
ଅଜ୍ଞାନ ଦିଅନ୍ତୁ ଟାଳି ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩




## ଦୀପଂ ଜ୍ୟୋତି....

### ରାମଚନ୍ଦ୍ର ବେହେରା

ଆଲୋକର ପର୍ବ ପୁଣ୍ୟ ଦୀପାବଳି
ଆସିଛି ମରତ ଧାମେ
ରଂଗୋଲି ଚିତାରେ ହସିବ ଅଗଣା
ପଦ୍ମଜାଂକ ଆଗମନେ
ବନବାସ ଅନ୍ତ କରି
ଏହି ପୁଣ୍ୟ ଦିନେ ଫେରି ଆସିଥିଲେ
ଶ୍ରୀରାମ ଅଯୋଧ୍ୟା ପୁରୀ ।

ନରକାସୁରକୁ ମାରିଥିଲେ କୃଷ୍ଣ
ଅଧର୍ମ ଅନୀତି ପାଇଁ
ହିରଣ୍ୟକଶିପୁ ବଧ କରଥିଲେ
ନରସିଂହ ରୂପ ନେଇ
ଆଜିର ଶୁଭ ଲଗନେ
ସଂକଟ ହାରିଣୀ ମାତା ଶ୍ୟାମଳାଂକୁ
ପୂଜିବେ ଜଗତ ଜନେ ।

ମାତା ଦୁର୍ଗାଂକର ଅଗ୍ର ମସ୍ତିଷ୍କରୁ
କାଳୀ ମାତା ଜନ୍ମ ନେଇ
ପାପୀଂକୁ ସଂହାରୀ ଧର୍ମର ପ୍ରତିଷ୍ଠା
କରିଥିଲେ ମହାମାୟୀ
ନିରାଶାକୁ ଭୁଲି ଜନେ
ପ୍ରଦୀପ ଜଳେଇ ମହାନ ପର୍ବକୁ
ପାଳିବେ ହରଷ ମନେ ।

ପିତୃ ପୁରୁଷଂକ ପିଣ୍ଡଦାନ ହେବ
ଶୁଭିବ ଶଂଖର ଧ୍ୱନି
କାଉଁରିଆ ଜାଳି ବଡବଡୁଆଂକୁ
ଶ୍ରଦ୍ଧାରେ ଦେବେ ମେଲାଣି
ମିଳିବ ଶୁଭ ଆଶିଷ
ସୁଖ ସମୃଦ୍ଧିରେ ହସିବ ସଂସାର
ଦୁଃଖର ହେବ ବିନାଶ ।

ଦୀପାବଳି ଅଟେ ଭାଇଚାରା ପର୍ବ
ଭୁଲି ଭେଦଭାବ ସର୍ବେ
ରାଗ ରୋଷ ତେଜି ହର୍ଷ ଉଲ୍ଲାସରେ
ପାଳିବେ ଏକତ୍ର ଗର୍ବେ
ବାନ୍ଧିହୋଇ ଧର୍ମ ସୂତ୍ରେ
ସାରା ଦେଶବାସୀ ଶ୍ରଦ୍ଧାରେ ଗାଇବେ
ଦୀପଂ ଜ୍ୟୋତି ନମୋସ୍ତୁତେ ।


+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬




## ମା'କାଳୀ ମହାକାଳୀ

### ପ୍ର[illegible] ନାୟକ



ଜୟ ଜୟ ମହାକାଳି ମା'
ଜୟ ବିଶ୍ୱ କଲ୍ୟାଣି,
କାଳରାତ୍ରି କାତ୍ୟାୟନି ଗୋ
ନର ମୁଣ୍ଡମାଳିକନି ।।

ପାପ ତାପ ସାରା ସଂସାରୁ
ତୁମେ ଦିଅ ମା' ଧୋଇ
ତୁମେ ଦୟାକଲେ ଯାତନା
ଭବୁ ଯାଏ ଉଭେଇ ।।

ଅସୁର ସଂହାର ପାଇଁକି
ମା'ଗୋ ଉଭା ହୋଇଲ
ଦୈତ୍ୟଙ୍କ ବିନାଶ ପାଇଁକି
ଉଗ୍ର ରୂପ ଧରିଲ ।।

ଅସୁର ନିଧନ ପରେତ
ତୁମେ ହେଲ ନିଃଶଙ୍କ
ଧରାସଙ୍ଗେ ନାଶ ଯିବକି
ସର୍ବେ ହେଲେ ଅତିଷ୍ଠ ।।

ମହାଦେବ ଶୋଇଗଲେଟି
ମା'ଗୋ ତୋର ରାସ୍ତାରେ
ତାଙ୍କ ଉପରେ ପାଦ ପଡିତ
ଜିହ୍ୱା କାଢି ଦେଲହେ ।।

ଶାନ୍ତ କମନୀୟ ତୁମର
ସେଇ ଶାନ୍ତ ସ୍ୱରୂପ
ଦୀପାବଳି ଶୁଭ ମଣ୍ଡପେ
ପୂଜୁ ଜାଳିଗୋ ଦୀପ ।।

ଦୀପାବଳି ଶୁଭ ଦିନଟି
ସିନା ଅନ୍ଧାର ରାତି
ଦିନର ମହିମା ବଖାଣେ
କେତେ ପୁରାଣ ପୋଥି ।।

ସେ କଥାକୁ ମନେପକାଉ
ସର୍ବେ ଜାଳି ଦୀପାଳି
ଅନ୍ଧକାର ଦୂର ପାଇଁକି
କରୁ ପ୍ରଭୁଙ୍କୁ ଅଳି ।।

ଦେବୀ ଭଗବତି କଥାଟି
ହୋଇଅଛି ବର୍ଣ୍ଣନ
ଦୀପାବଳି ମହାଲକ୍ଷ୍ମୀଙ୍କ
ଶୁଭ ଜନମ ଦିନ ।।
ସେଲାଗି ସେଦିନ ସବୁରି
ଘରେ ମା'ଙ୍କ ପୂଜା
ଦିଗ ଚଉଦିଗେ ଉଡଇ
ତାଙ୍କ ମଙ୍ଗଳ ଧ୍ୱଜା ।।

ଯେଉଁଠି ହାରଇ ମା'ଗୋ
ଦେବତାଙ୍କର ବଳ
ସେଇଠି ଉଠଇ ମା'ଗୋ
ତୋହରି ତ୍ରିଶୂଳ । ।

ଅସୁର କୁଳକୁ ନାଶିଲୁ
ମାଆ ଧର୍ମ ଧାରିଣୀ
ରକ୍ତମୁଖା ହୋଇ ଉଠିଲୁ
ଥମିଗଲା ମେଦିନୀ ।।

ଜୟଜୟ ମହାମାୟୀ ଲୋ
ଜୟ ଜଗଜ୍ଜନନୀ
କୃପାକର ବାରେ ମା'ଗୋ
ଆହେ ବିଶ୍ୱ କଲ୍ୟାଣୀ ।।
ରକ୍ଷାକର ତୁମେ ଆମ୍ଭଙ୍କୁ
ମା'ଗୋ କଲ୍ୟାଣମୟୀ
ତବ ଶ୍ରୀଚରଣେ ମା'ଲୋ
ଆମ୍ଭେ କରୁ ଗୁହାରୀ ।।


+ ୟୁନିଟ୍:୦୫; ଭୁବନେଶ୍ୱର
ମୋ : ୮୨୪୯୬୫୦୪୧୪


## ଦୀପକୁ ଜଳେଇଦେବା

### ପ୍ରିୟରଂଜନ ମୁଣ୍ଡ



ଦୀପକୁ ଜଳେଇଦେବା
ପୁଣି ଆଂଜୁଳାଏ ସ୍ୱପ୍ନ ବୁଣିବା
ଏବେ ଅଦୃଶ୍ୟ ଫୁଲ ସବୁ
ଫୁଟିବା ଆରମ୍ଭ କଲେଣି
ନିଝୁମ ସନ୍ଧ୍ୟାର ଏଇ
ରଙ୍ଗୀନ ବେଳାରେ
ଅଭିପ୍ସିତ ଆଲୋକର
ସନ୍ଧାନ କରିବା
ନୀଳ ଆକାଶରେ
ଡେଣା ମେଲେଇ
ଉଡିଯାଉ ଥିବା ପକ୍ଷୀର
ସୁମଧୁର କାକଳୀର ସ୍ୱରରେ
ଚିହ୍ନା ଚିହ୍ନା ମେଘର
ମୁଗ୍ଧ ଚାହାଣୀରେ
ଇନ୍ଦ୍ରଧନୁର ରଂଗ ଖୋଜିବା
ଆସନା-
ଦୀପକୁ ଜଳେଇଦେବା ।
ଏବେ ସଂଚରି ଉଠିଲାଣି ପ୍ରେମ
ବାରି ହେଲାଣି
ସମ୍ପର୍କର ବିନ୍ଦୁ
ଶୁଭିଲାଣି ଛାତିର ସ୍ପନ୍ଦନ
ସମୟ ନଈର ଉଜାଣି ସୁଅରେ
କିଟିମିଟି ଅନ୍ଧାରକୁ
ଦୂରେଇ ଦେବା
ଅସରନ୍ତି ବର୍ଣ୍ଣମାଳାର
ସମ୍ମୋହନରେ
ପୁଣି ବିଭୋର ହେବା
ଆସନା-
ଦୀପକୁ ଜଳେଇଦେବା ।


+ ଧର୍ମଗଡ, କଳାହାଣ୍ଡି
(ମୋ) ୯୪୩୭୩୨୮୪୯୦


## ଦୀପାବଳି

### ପ୍ରତିଭା ଦାଶ



କାର୍ତ୍ତିକ ଅମାବାସ୍ୟାରେ ପାଳିତ
ଦୀପାବଳି ପରବ
ଅନ୍ଧାର ରାତ୍ରି କରନ୍ତି ଆଲୁଅ
ଦୀପକୁ ପ୍ରଜ୍ୱଳିତ ।

ଧନ ଦେବୀ ମା ଲକ୍ଷ୍ମୀଙ୍କର ପୂଜା
ସଂଧ୍ୟାରେ ହୁଏ ଘରେ
ମା' କାଳୀଙ୍କ କରନ୍ତି ଆବାହନ
ପ୍ରତି ପୂଜା ମଣ୍ଡପେ ।

ସପତ୍ନୀ ରାମ ରାବଣକୁ ମାରି
ଫେରିଲେ ଅଯୋଧ୍ୟାକୁ
ଅଯୋଧ୍ୟାବାସୀ
କରିଲେ ଆଲୋକ
ତାଙ୍କୁ ସ୍ୱାଗତ କରିବାକୁ ।

ଦ୍ୱାପର ଯୁଗେ ନରକାସୁରକୁ
ଶ୍ରୀକୃଷ୍ଣ କଲେ ବଧ
ତା' ପରଦିନ ଆଲୋକ ପରବ
ନାମରେ ପରିଚିତ ।

ଅତି ଦାନରେ ପାତାଳକୁ ଗଲା
ରାକ୍ଷସ ରାଜା ବଳି
ବାମନ ରୂପରେ ଆସି ଶ୍ରୀହରି
ପାଦରେ ଦେଲେ ଚାପି ।

ଅଛି ବହୁ ପୌରାଣିକ ଆଖ୍ୟାନ
ଦୀପାବଳି ପୂଜାର
ମୁରୁଜ ଦେଇ ଦୀପଜାଳି ଆମ
ସଜ୍ଜିତ ହୁଏ ଘର ।

ଆମ ପରମ୍ପରା ଆମ ସଂସ୍କୃତି
ଏକତାର ପ୍ରତୀକ
ରଖିବା ଆମେ ଜଗତରେ ସଦା
ଶାନ୍ତି ମୈତ୍ରୀର ଟେକ ।


+ ଭାରପ୍ରାପ୍ତ
ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଢୁମେରପାଣି, ଜିଲ୍ଲା -
ନୂଆପଡ଼ା
(ମୋ) ୭୮୯୪୫୨୮୪୯୩

# ବସ୍ତାରେ ରାବଣ ପୋଡି ଉତ୍ସବ



ବସ୍ତା, ୧୯/୧୦ (ନି.ପ୍ର): ବସ୍ତାରେ ରାବଣ ପୋଡି ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏସ୍ଡିପିଓ ମାନସ କୁମାର ଦେଓ,ଆଇ ଆଇ ସି ରଣଜିତ କୁମାର ସାହୁ ରାବଣ ପ୍ରତିମୂର୍ତ୍ତି ରେ ଅଗ୍ନୀ ସଂଯୋଗ କରିଥିଲେ।ପ୍ରାକ୍ତନ ସରପଞ୍ଚ ଅନୀଲ କୁମାର ମହାନ୍ତି, ଅବସର ପ୍ରାପ୍ତ ପୁଲିସ ଅଧିକାରୀ ଅସିତ କୁମାର ମହାନ୍ତି, ପୂର୍ବତନ ଏବିଡ଼ିଓ ଶଙ୍କର କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଲା ମାନଙ୍କର ରାମ,ଲକ୍ଷ୍ମଣ ଓ ହନୁମାନ ବେଶ ଆକର୍ଷଣୀୟ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ବଡ଼ ଧରଣର ଜନସମାଗମ ହୋଇଥିଲା। ଏଥିପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲା।

# ଖୁଣ୍ଟାପୁର ପଡିଆଠାରେ ରାବଣପୋଡି ମହୋତ୍ସବ ଖୁବ ଧୂମଧାମରେ ପାଳିତ

ବୈଶିଙ୍ଗା , ୧୯/୧୦ (ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଖୁଣ୍ଟାପୁର ହାଇସ୍କୁଲ ପଡିଆରେ ଖୁବ ଧୂମଧାମରେ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ସାର୍ବଜନୀନ ଦୁର୍ଗାପୂଜା କମିଟି, ପଦାପୁରୁଣିଆ ଦ୍ୱାରା ଦୀର୍ଘ ୨୪ ତମ ଉର୍ଦ୍ଧ ହେବ ଆୟୋଜିତ ହୋଇଆସୁଅଛି ଓ ପ୍ରତି ବର୍ଷ ଦୁର୍ଗାପୂଜା ବିଜୟଦଶମୀରେ ଏହା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଖରାପ ପାଣିପାଗ ଯୋଗୁଁ ଏହାକୁ କମିଟି ପକ୍ଷରୁ ସ୍ଥଗିତ କରାଯାଇଥିଲା ଓ କାରିଗର ଜୟଦେବ ପ୍ରମାଣିକଙ୍କ ଦ୍ୱାରା ପ୍ରତି ବର୍ଷ ରାବଣ ପ୍ରସ୍ତୁତ କରାଯାଏ ଓତେବେ ଏହି ରାବଣପୋଡି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ଏକ ବେଶ ଆଦୃତ ହୋଇଆସୁଅଛି ଓ ଏହି ମହୋତ୍ସବରେ ପ୍ରବଳ ଜନସମାଗନ ଦେଖିବାକୁ ମିଳିଥାଏ ଓ ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ହରେକୃଷ୍ଣ ପରିଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ହରିଶ୍ଚନ୍ଦ୍ର ରାଉତ, ବିଶିଷ୍ଟ ବ୍ୟବସାୟୀ ଶ୍ରୀ ଅକ୍ଷୟ ସାହୁ, ଅବସରପ୍ରାପ୍ତ ସେନାଅଧିକାରୀ ଶ୍ରୀ ଗୋପୀନାଥ କର, ସାମ୍ବାଦିକ ଚିନ୍ମୟ ମିଶ୍ର ଏବଂ ଆଖପାଖ ଅଞ୍ଚଳର ବହୁ ବରିଷ୍ଠ ଲୋକ ଉପସ୍ଥିତ ଥିଲେ ଓ କମିଟିର ସଦସ୍ୟ ସତ୍ୟରଞ୍ଜନ ରାଉତ, ଶ୍ରୀଧର ଦାସ, ଶଶଧର ଦାସ, ସର୍ବେଶ୍ୱର ସାହୁ, ଅଭିଷେକ ପରିଡା, ଜିତେନ୍ଦ୍ର ନାଥ, ଭାଗବତ ଦାସ, ଶଶୀକାନ୍ତ ଦାସ, ଦେବାଶିଷ ଦାସ, ରତିକାନ୍ତ ଦାସ, ଜୟନ୍ତ ପାତ୍ର, ମଧୁସୂଦନ ନାଥ ଏବଂ କମିଟିର ଅନ୍ୟ ସମସ୍ତ ସଦସ୍ୟ ସକ୍ରିୟ ଦାୟିତ୍ୱ ସମ୍ପାଦନା କରିଥିଲେ ।

# ନିରାପଦ ଓ ଶାନ୍ତି ଦୀପାବଳୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ହୃଦୟ ରକ୍ତବାହୀ ରୋଗ : ବାୟୁ ପ୍ରଦୂଷଣର ସଂସ୍ପର୍ଶରେ ଆସିବା ଦ୍ୱାରା ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ଅନ୍ୟାନ୍ୟ ହୃଦରୋଗର ବିପଦ ବଢ଼ିପାରେ। ସମ୍ଭାବ୍ୟ ସମାଧାନ ବାୟୁ ଗୁଣବତା ଉପରେ କ୍ରାକର ପ୍ରଭାବକୁ ହ୍ରାସ କରିବା ପାଇଁ, ନିମ୍ନଲିଖିତ ବିଷୟଗୁଡିକ ବିଚାର କରନ୍ତୁ। ପରିବେଶ-ଅନୁକୂଳ କ୍ରାକର; ସବୁଜ କିମ୍ବା ପରିବେଶ -ଅନୁକୂଳ ଭାବରେ ଲେବଲ ହୋଇଥିବା କ୍ରାକର ବାଛନ୍ତୁ, ଯାହା କମ୍ ପ୍ରଦୂଷକ ଉତ୍ପାଦନ କରେ। ସୀମିତ ବ୍ୟବହାର : କ୍ରାକରୁ ସୀମିତ ପରିମାଣରେ ଫୁଟାନ୍ତୁ ଏବଂ ଆବାସିକ ଅଂଚଳ କିମ୍ବା ହସପିଟା ନିକଟରେ ସେଗୁଡ଼ିକୁ ବ୍ୟବହାର। ବିକଳ୍ପ ଉତ୍ସବ : ଦୀପ କିମ୍ବା ମହବତୀ ଜଳାଇବା ଭଳି ବିକଳ୍ପ ଉପାୟଗୁଡିକ ପାଳନ କରିବା ବିଷୟରେ ବିଚାର କରନ୍ତୁ। ଶବ୍ଦ ହ୍ରାସକାରୀ କ୍ରାକର : ଶବ୍ଦ ହ୍ରାସକାରୀ କ୍ରାକର କିମ୍ବା ସର୍ବନିମ୍ନ ଧୂଆଁ ସୃଷ୍ଟି କରୁଥିବା କ୍ରାକର ଅନୁସନ୍ଧାନ କରନ୍ତୁ। କଠୋର ନିୟମ ଏହି ସମସ୍ୟାର ପ୍ରଭାବଶାଳୀ ସମାଧାନ ପାଇଁ, କଠୋର ନିୟମ କାର୍ଯ୍ୟକାରୀ କରାଯାଇପାରିବ। ପ୍ରଦୂଷିତ କ୍ରାକର ଉପରେ ନିଷେଧ : ଅନୁମୋଦିତ ପ୍ରଦୂଷଣ ସୀମା ଅତିକ୍ରମ କରୁଥିବା କ୍ରାକର ଉପରେ ନିଷେଧ ଲାଗୁ କରନ୍ତୁ। କଠୋର ନିୟମ : କ୍ରାକର ବ୍ୟବହାର ଉପରେ ନିୟମାବଳୀର କଠୋର କାର୍ଯ୍ୟକାରିତା ନିଶ୍ଚିତ କରନ୍ତୁ। ଜନସେଚେତନତା : କ୍ରାକର ସହିତ ଜଡିତ ବିପଦ ବିଷୟରେ ନାଗରିକମାନଙ୍କୁ ଶିକ୍ଷା ଦେବା ପାଇଁ ଜନସଚେତନତା ଅଭିଯାନ ଆରମ୍ଭ କରନ୍ତୁ। ନିଷ୍କର୍ଷ ପଟାକାର ଉତ୍ସବର ଏକ ଅବିଚ୍ଛେଦ୍ୟ ଅଂଶ ହେଲେ ମଧ୍ୟ, ପରମ୍ପରା ଏବଂ ପରିବେଶଗତ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ଖୋଜିବା ଅତ୍ୟନ୍ତ ଜରୁରୀ। ପରିବେଶ ଅନୁକୂଳ ଅଭ୍ୟାସ ଏବଂ କଠୋର ନିୟମ ଗ୍ରହଣ କରି, ଆମେ ବାୟୁ ଗୁଣବତା ଉପରେ ନକରାତ୍ମକ ପ୍ରଭାବକୁ କମ କରିପାରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିପାରିବା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ସୋସାଇଟି ପଞ୍ଜୀକରଣ (ଓଡ଼ିଶା ସଂଶୋଧନ) ଅଧିନିୟମ,୨୦୨୧ ପାଇଁ ତାଲିମ ଶିବିର



ମୟୂରଭଞ୍ଜ, ୧୯/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ର ଚାରିଟି ଉପଖଣ୍ଡ ରୁ ୨୦ ଜଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ପାଇଁ ଏକ ତାଲିମ ଶିବିର ବାରିପଦା ର ଆଧାର ଅନୁଷ୍ଠାନ ର କନଫରେନ୍ସ ହଲ ଠାରେ ଆୟୋଜିତ ହୋଇଯାଇଅଛି। ଏହି ତାଲିମ ଶିବିର ରେ କଟକ ସ୍ଥିତ କ୍ଲାପ ଅନୁଷ୍ଠାନ ର ପୁରୁଷୋତ୍ତମ ସାହୁ ତାଲିମ ଦାତା ଭାବେ ଯୋଗଦେଇ କିଭଳି ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ତାଙ୍କ ଅନୁଷ୍ଠାନକୁ ପୁଣି ୨୦୨୬ ଏପ୍ରିଲ ୨୪ ତାରିଖ ସୁଦ୍ଧା ପୁନ ନବୀକରଣ କରିପାରିବେ ସେ ସଂପର୍କ ରେ ତାଲିମ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଏପ୍ରିଲ ୨୪ ପରେ ୧୮୬୦ ଅଧିନିୟମ ରେ ୨୦୧୭ ମସିହା ପୂର୍ବରୁ ପଞ୍ଜିକରଣ କରାଯାଇଥିବା ସମସ୍ତ ଅନୁଷ୍ଠାନ ମାନଙ୍କ ର ବୈଧତା ଶେଷ ହୋଇଯିବ।ଏହାର ଗୁରୁତ୍ୱ କୁ ଉପଲବ୍ଧି କରି ମୟୂରଭଞ୍ଜ ଏନ୍ଜିଓ ନେଟଓ୍ୱାର୍କ (ମନ୍) ପକ୍ଷ ରୁ ଏହି କାର୍ଯ୍ୟକ୍ରମ ଟିକୁ ଆୟୋଜନ କରାଯାଇଥିଲା। ଏଥିରେ ସଂଯୋଜକ ବିବେକାନନ୍ଦ ପଟ୍ଟନାୟକ, ଦୀପକ ପାଣି, ତୁଷାର କାନ୍ତ ବେହେରା, ପ୍ରଦୀପ ଦାସମହାପାତ୍ର, ପ୍ରଣତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବସ୍ତାରେ ଧନ୍ୱନ୍ତରୀ ଜୟନ୍ତୀ ପାଳିତ

ବସ୍ତା,୧୯।୧୦(ନିପ୍ର):ଭଗବାନ ଶ୍ରୀ ଧନନ୍ତରୀ ଜୟନ୍ତୀ ବସ୍ତା ଦିପ୍ତୀ ସେବା ସଦନ ପ୍ରାଙ୍ଗଣରେ ଖୁବ ଧୂମଧାମ ରେ ପାଳିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ବିଶିଷ୍ଟ ଅୟୁର୍ବେଦବିତ ଡ଼ଃ ଦିଲୀପ କୁମାର ଚକ୍ରବର୍ତ୍ତୀ, ମୁଖ୍ୟ ବକ୍ତା ବରିଷ୍ଠ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ସମ୍ମାନୀତ ଅତିଥି କମାରଡ଼ିହା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଅବସରପ୍ରାପ୍ତ ଡ଼ଃ ପଞ୍ଚାନନ ପାଣିଗ୍ରାହୀ ,ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ,ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଭଗବାନ ଧନନ୍ତରୀ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଶେଷରେ ଡ଼ଃ ସୁନୀଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜଧାନୀରେ...

ପ୍ରାଥମିକ ଭାବେ ନାବାଳିକାଙ୍କ ସହ ଯୌନ ଉତ୍ପୀଡ଼ନ ସ୍ପଷ୍ଟ ହୋଇଥିବା ବେଳେ, କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଥିଲା । ପୀଡ଼ିତାଜଣକ ମାନସିକ ବିକାରଗ୍ରସ୍ତ ଏବଂ ତାଙ୍କ ଘର ଝାଡ଼ଖଣ୍ଡ ବୋଲି ଜଣାପଡ଼ିଛି ।

### ଆଜି ନାମାଙ୍କନ ଭରିବେ...

ଥାଟ ବାଟ ଧରି ବିଶାଳ ବିଶାଳ ଶୋଭାଯାତ୍ରା କରି ଶକ୍ତି ଦେଖାଉଛନ୍ତି ନେତା । ନୂଆପଡା ଉପନିର୍ବାଚନ ଉପରେ ସାରା ରାଜ୍ୟର ନଜର ଥିବାବେଳେ ଡେରା ପକାଇଛନ୍ତି ନେତା । ମନ୍ତ୍ରୀ, ବିଧାୟକ ଓ ଛାମୁଆ ନେତା ନୂଆପଡାର ଗାଁ ଗାଁରେ ବୁଲିଲେଣି । ବିଜେପି ୧୫ମାସର ସଫଳତାକୁ ପ୍ରସଙ୍ଗ କରିଥିବାବେଳେ କଂଗ୍ରେସ ଆଇନଶୃଂଖଳାକୁ ପ୍ରସଙ୍ଗ କରିଛି । ବିଜେଡି ମଧ ନୂଆପଡା ପାଇଁ ରଣନୀତି କରୁଛି । ଆଗକୁ ନୂଆପଡାକୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ତାରକା ପ୍ରଚାରକ ଆସିବାକୁ ଥିବାରୁ, ପ୍ରଚାର ମଇଦାନ ଆହୁରି ସରଗରମ ହେବ ।

### ଅଯୋଧ୍ୟାରେ ଏକା ସାଙ୍ଗରେ...

ଗତବର୍ଷ ଦୀପାବଳିରେ ୧୫ ଲକ୍ଷ ଦୀପ ଲଗାଇବା ପାଇଁ ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥରର ଦୀପାବଳି ଅନେକ ଦୃଷ୍ଟିରୁ ଖାସ୍ ହେବାକୁ ଯାଉଛି । କେବଳ ବିଶ୍ୱ ରେକର୍ଡ ନୁହେଁ, ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ିବା ପାଇଁ ଯୋଜନା କରାଯାଇଛି । ଏହି ଦୀପୋତ୍ସବରେ ରୁଷିଆ, ଶ୍ରୀଲଙ୍କା, ସିଙ୍ଗାପୁର ଓ ନେପାଳର ବିଦେଶୀ କଳାକାରଙ୍କୁ ନେଇ ରାମଲୀଳା ମଧ୍ୟ ଆୟୋଜିତ ହେଉଛି । ଦେଶର ୨୧ଟି ରାଜ୍ୟର ରାମଲୀଳା ଓ ରାମାୟଣ ପରମ୍ପରା ଉପରେ ଆଧାରିତ ଲୋକନୃତ୍ୟର ଝଲକ ଦେଖିବାକୁ ମିଳିଛି ।

# ପିଲାଙ୍କ ହସ ଖୁସି ଓ କୋଳାହଳର ମାହୋଲ ମଧ୍ୟରେ ପାଳିତ ହେଲା ଶିଶୁ ମହୋତ୍ସବ ସୁରଭି




ଉଦଳା, ୧୯/୧୦ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଆଂଚଳିକ ସାଧନ କେନ୍ଦ୍ର ତରଫରୁ ଚଳିତ ଅକ୍ଟୋବର ୧୭ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି-୨୦୨୫ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଗୋଟିଏ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ସାଧାରଣ ସଭା ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌରକିଶୋର ବିନ୍ଧାଣି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ଅନୁଜା ମାଧୁରି ଦାସ ସାଧାରଣ ସଭାରେ ଅଧକ୍ଷତା କରି ପିଲାଙ୍କ ହସଖୁସି ଓ କୋଳାହଳର ମାହୋଲ ସୃଷ୍ଟିକରିଥିବା ପରିବେଶ କିପରି ସମସ୍ତଙ୍କ ପାଇଁ ଆନନ୍ଦଦାୟକ ହୋଇ ଉଠିଛି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ପାଇଁ 'ସୁରଭି' ଏକ ସୁନ୍ଦର ପରିକଳ୍ପନା ବୋଲି ବକ୍ତବ୍ୟ ମାଧମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ପଂଚାୟତ ସମିତିର ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାସ, କାଉନସିଲର ବିଶ୍ୱ ରଂଜନ ମୋଦି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା ଓ ସନ୍ଧ୍ୟା ରାଣି ବାରିକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ସୁରଭି କିପରି ଶିଶୁ ପ୍ରତିଭାକୁ ବାଟ ଦେଖାଇଥାଏ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ମିନାକ୍ଷୀ ମିଶ୍ର ମଂଚ ପରିଚାଳନାର ଦାୟିତ୍ୱ ତୁଲାଇଥିବା ବେଳେ ସଂଯୁକ୍ତା ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସତ୍ୟେନ୍ଦୁ ଜେନା ଧନ୍ୟବାଦ ଅର୍ପଣ ପୂର୍ବକ ମହୋତ୍ସବର ଯବନିକା ପକାଇଥିଲେ । ଉଦଳା ପଂଚାୟତ ସମିତି ଅନ୍ତର୍ଗତ ପାଟଶାଣିପୁର ଆଂଚଳିକ ସାଧନ କେନ୍ଦ୍ରରେ ମଧ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇ ଯାଇଛି । ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାନୁପ୍ରସାଦ ପାତ୍ର କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ମଢ଼େଇ ଅଧକ୍ଷତା କରିଥିଲେ । ପିଲାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ, ସଂଗୀତ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୨୫୦ ଜଣ ପିଲା ଅଂଶ ଗ୍ରହଣ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଂଚ ବାରି ମୁର୍ମୁ, ଅବସର ପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ସିଂ, କୋକିଳ ମହାନ୍ତ, ବୁଧିରାମ ସିଂ, ଶ୍ରୀଧର ସିଂ, ଗୌର ମୋହନ ସିଂ, କରୁଣାକର ମାଝୀ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ ମାତୃ ସମ୍ମିଳନୀ ଓ କର୍ମଶାଳା

ବଡ଼ସାହି , ୧୯/୧୦ (ନି.ପ୍ର): ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର( ଆବାସିକ ) ତରଫରୁ ଆଜି ସକାଳ ଠାରୁ ବାର୍ଷିକ ମାତୃ ସମ୍ମିଳନୀ ଓ କର୍ମଶାଳା ଦିନଭରି ଅନୁଷ୍ଠିତ ହୋଇଥିଲା କ୍ଷ ପୂର୍ବାହ୍ନରେ ମଳୟ ମଞ୍ଜରୀ ରଥ, ବିଣାପାଣି ବାରିକ, ସନାକ୍ଷି ଦଣ୍ଡପାଟ ଓ ସୌଭାଗ୍ୟବତୀ ରାଉତଙ୍କ ତତ୍ତ୍ୱାବଧାନରେ ବାଣୀମନ୍ଦିରରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହେବାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡକ୍ଟର କୁମାର ବାବୁଲି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ତଥା ପ୍ରଶିକ୍ଷକ ଭାବେ ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ମା'ମାନେ ହେଉଛନ୍ତି ପ୍ରକୃତ ବୈଜ୍ଞାନିକ ଯିଏ ପିଲା ଓ ପରିବାରର ସମସ୍ତଙ୍କ ମନକୁ ମାପ କରି କାର୍ଯ୍ୟ କରିଥାନ୍ତି ଏବଂ ମା'ମାନେ ପିଲାର ପ୍ରଥମ ଶିକ୍ଷାଦାତ୍ରୀ ଓ ସମାଜକୁ ପରିବର୍ତ୍ତନ କରୁଥିବା ମହିୟସୀ ମହିଳା ବୋଲି ମତବ୍ୟକ୍ତ କରିଥିଲେ। ଏକ ଶହ ପଚାଶରୁ ଅଧିକ ମାଆ କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିବା ବେଳେ ଅଧାପିକା ଗୀତିସ୍ମିତା ସାହୁ, ରଶ୍ମିତା ପରିଡ଼ା, ଚନ୍ଦ୍ରପ୍ରଭା ବାରିକ, ଲଳିତାରାଣୀ ଉପାଧାୟ, ଝରଣା ଘୋଷ, ଶାନ୍ତା ପ୍ରିୟଦର୍ଶନୀ ପ୍ରଧାନ, ସଂଯୁକ୍ତା ଦାସ, ଜାହ୍ନବୀ ରାଣୀ ସାହୁ, ଦିପିକା ବେହେରା, ଅନୁସ୍ୱୟା ପାତ୍ର ଆଦି ଯୋଗଦାନ କରି ମାଆ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାକୁ ଗୁରୁଜୀ କାର୍ତ୍ତିକ ସେଠୀ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ବର୍ଷାରାଣୀ ମହାନ୍ତ, ରୀନା ଷଡଙ୍ଗୀ, ପ୍ରିୟଙ୍କା ମହାନ୍ତ, କବିତା ପତି, ବାସନ୍ତି ମାର୍ଣ୍ଡି ଆଦି ପରିଚାଳନା କରିଥିଲେ । ଶେଷରେ ସୌମ୍ୟରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର କାର୍ଯ୍ୟକୁ ବିରୋଧ ସହ କାମବନ୍ଦ କଲେ ଗ୍ରାମବାସୀ: ଯନ୍ତ୍ରୀ ମୋନାଲିସାଙ୍କ ଗିରଫ ଦାବି



ନୀଳଗିରି, ୧୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଗାଙ୍ଗପୁରା ଗାଁରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ହେଉଥିବା କାର୍ଯ୍ୟ ଅତି ନିମ୍ନମାନର ଥିବାରୁ ଗ୍ରାମବାସୀମାନେ ବିରୋଧ କରିକାମ ବନ୍ଦ କରିଛନ୍ତି। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ସୂଚନାଯୋଗ୍ୟ ଔପଦା ବ୍ଲକ୍ ଅଧିନସ୍ଥ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଗାଁର ଝୁରେଇଖେଳ ପଡ଼ିଆ ନିକଟରେ ୩ଲକ୍ଷ ୨୨ହଜାର୯୮୧ ଟଙ୍କା ଅଟକଳରେ ନିର୍ମାଣ ହେଉଥିବା ସାଂସ୍କୃତିକ ମଣ୍ଡପ ନିମ୍ନମାନର କାର୍ଯ୍ୟହେଉଛି।ଉକ୍ତ କାର୍ଯ୍ୟ ରେ ମାଟିମିଶ୍ରିତ ବାଲିରେ ନିର୍ମାଣ କାର୍ଯ୍ୟ ହେଉଥିଲା ବେଳେ ସେହି ବାଲିରେ କଲମ ଓ ଗ୍ରେଡବିମ୍ କାର୍ଯ୍ୟ କରାଯାଇଛି। ଏପରିକି ଗ୍ରେଡ଼ବିମ ୧୦ ଇଞ୍ଚ ହେବାର ନିୟମଥିଲା ବେଳେ କିନ୍ତୁ ଜେଇଙ୍କ ଅନୁପସ୍ଥିତିରେ ଠିକାଦାର ୮ ଇଞ୍ଚ ଢ଼ଳେଇ କରିଛନ୍ତି। ଉକ୍ତ କାମ ସମ୍ପୂର୍ଣ୍ଣ ନିମ୍ନମାନର ହେଉଥିବା ବେଳେ ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳକୁ ନ ଆସି ମୋଟା ଅଙ୍କର ମାଲ ନେଇ ନିଘୋଡ଼ ନିଦରେ ଶୋଇଯାଇଛନ୍ତି ବୋଲି ଗାଙ୍ଗପୁରା ଗ୍ରାମର ସନାତନ ପ୍ରଧାନ, ନଟପ୍ରଧାନ,ଗୋପୀନାଥ ପ୍ରଧାନ, ବୁଲୁ ମଲ୍ଲିକ ସମେତ ବହୁଗ୍ରାମବାସୀ ମାନେ ଅଭିଯୋଗ କରିବା ସହିତ ଜେଇ ମୋନାଲିସାକୁ ଗିରଫ କରାଯାଉ ବୋଲି ଗଣମାଧ୍ୟମକୁ କହିଛନ୍ତି। ଗ୍ରାମବାସୀମାନେ ଠିକାଦାରଙ୍କୁ ଅଭିଯୋଗ କରିବାରୁ କାମଯାହା ହେଉଛି ଠିକ ହେଉଛି ବୋଲି ଓଲଟା ଉତ୍ତର ଦେଉଛନ୍ତି।ତେବେ କାମରେ ବ୍ୟବହୃତ ମେଟାଲ ପଥର ଭଳି ହୋଇଥିବା ବେଳେ ସିମେଣ୍ଟର ମଧ ଅବଧି ସରିଯାଇଥିବା ଦେଖାଯାଇଛି। ଘଟଣା ସମ୍ପର୍କରେ ଦକ୍ଷିଣ ନରସିଂହପୁର ସରପଞ୍ଚ ଅଶୋକ ଜେନାଙ୍କୁ ପଚାରିବାରୁ କିଛି ମନ୍ତବ୍ୟ ନଦେଇ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ତେଣୁ ଏପରି କାର୍ଯ୍ୟକୁ ଗ୍ରାମବାସୀ ମାନେ ନାପସନ୍ଦ କରିବା ସହ ଏହାଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନନେଲେ ଗ୍ରାମବାସୀ ମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଜେଇ ଇଂ ମୋନାଲିସା ସିଂଙ୍କୁ ପଚାରିବାରୁ ସମସ୍ତଙ୍କର ପେଟପାଉଣା ଅଛି। ନିର୍ମାଣକାମ ହେଉଥିବା ନିକଟରେ କଲରାନଦୀ ଥିବାରୁ ବାଲି ଉଠାଇ କାମ କରୁଛନ୍ତି। ସେଥିରେ ଅସୁବିଧା କଣ ବୋଲି ଉତ୍ତର ମିଳୁଛି।ବିରୋଧୀ ବାଲା ଯେତେ ବିରୋଧ କରିବାର ଅଛି କରନ୍ତୁ।ମୋର କିଛି କରିପାରିବେ ନାହିଁ।ଜେଇଙ୍କ ଏପରି ମନ୍ତବ୍ୟରୁ ସ୍ପଷ୍ଟ ପ୍ରମାଣମିଳୁଛି ଜେଇ ମନୋଲିସା କାହା ଅଭୟ ବରରେ ଏତେ ବଳିଆନ ହୋଇ ସରକାରଙ୍କର ଆଇନ କାନୁନକୁ ମାନୁନାହାଁନ୍ତି। ବାଲେଶ୍ୱରଜିଲ୍ଲାପାଳ ଉକ୍ତ କାର୍ଯ୍ୟର ଏକ କମିଟି କରି ତଦନ୍ତ କଲେ ସବୁଗୁମର ଫିଟିବ ବୋଲି ଗ୍ରାମବାସୀ କହିଛନ୍ତି।

# ବାଣ ନଫୁଟାଇ ଦୀପ ଜାଳି, ପାଳନ କରିବା ସୁରକ୍ଷିତ ଶୁଭ ଦୀପାବଳି : ମଦର




ଭୁବନେଶ୍ୱର , ୧୯/୧୦ (ନି.ପ୍ର): ବାଣ ନଫୁଟାଇ ଦୀପ ଜାଳି, ପାଳନ କରିବା ସୁରକ୍ଷିତ ଶୁଭ ଦୀପାବଳି । ଏଭଳି ଏକ ସଚେତନତାର ସ୍ଲୋଗାନ ନେଇ ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଲୋୟର ପିଏମ୍ ଜି, ଭୁବନେଶ୍ୱର ଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆସନ୍ତା ଦୀପାବଳି ଉତ୍ସବରେ ଶବ୍ଦ ପ୍ରଦୂଷଣ କରି ପରିବେଶ ନଷ୍ଟ କରୁଥିବା ବାଣର ବ୍ୟବହାର ନକରିବାକୁ ଲୋକଙ୍କୁ ନିବେଦନ କରିଥିଲେ । ଦୀପାବଳିରେ ଅନେକ ସମୟରେ ବିପଦଜନକ ବାଣର ବ୍ୟବହାର ଯୋଗୁଁ ବହୁ ଧନଜୀବନର କ୍ଷୟକ୍ଷତି ହେଉଛି । ତେଣୁ କିଭଳି ସୁରକ୍ଷିତ ଭାବେ କେବଳ ଦୀପ ଜାଳି ଏହି ଦୀପାବଳି ପାଳନ କରିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା । ବିଶେଷ କରି ଛୋଟ ପିଲାମାନଙ୍କୁ ବିପଦଜନକ ବାଣ ଓ ଆତାଶବାଜିରୁ ଦୂରେଇ ରଖିବାକୁ ଅଭିଭାବକମାନଙ୍କୁ ନିବେଦନ କରାଯାଇଥିଲା । ଆମର ପ୍ରାଚୀନ ପରମ୍ପରା ଅନୁଯାୟୀ କେବଳ ପ୍ରଦୀପ ପ୍ରଜ୍ୱଳନ କରି ଏକ ସୁରକ୍ଷିତ ଓ ଶୁଭ ଦୀପାବଳି ଉତ୍ସବ ପାଳନ କରିବାକୁ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା । ମଦର ଅନୁଷ୍ଠାନର ମୁଖ୍ୟ ପରିଚାଳକ ତଥା ବିଶିଷ୍ଟ ସାମାଜିକ କର୍ମୀ ପ୍ରମୋଦ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମାଜସେବୀ ସାହିତ୍ୟିକ ସସ୍ମିତା ଦାସ, ନବକାନ୍ତି ମାଝୀ, ରବୀନ୍ଦ୍ର ସାହୁ, ପୁରବୀ ଶତପଥୀ, ମଣ୍ଟୁ ମଲ୍ଲିକ, ଜୟପ୍ରଦା ସାମନ୍ତରାୟ, ଅବିନାଶ ଦାସ, ପ୍ରଭୁଦତ୍ତ ସାମଲ, ନିରୋଦ ସାହୁ, ସିଦ୍ଧ ପାଣ୍ଡେଙ୍କ ସମେତ ସହରର ବହୁ ସାମାଜିକକର୍ମୀ, ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରେମୁଣା ଏନ୍ .ଏଚ୍.-୫ଠାରୁ ଚିଲାପଦା ରାସ୍ତା ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ବାଲେଶ୍ୱର, ୧୯/୧୦ (ନି.ପ୍ର): ରବିବାର ସକାଳ ୧୦ ଘଟିକା ସମୟରେ ବିରୁଆଁ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୩,୫୦,୧୦,୪୬୦/- ଟଙ୍କାର ଏନ୍ .ଏଚ୍.-୫ ଠାରୁ ଚିଲାପଦା ରାସ୍ତା ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳ ବାସୀଙ୍କ ବହୁ ଦିନର ଆଶା ପୁରଣ ହେବାକୁ ଯାଉଅଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜନସାଧାରଣଙ୍କ ଗମନାଗମନ ସୁରକ୍ଷିତ ହେବ। ଏହି ଅବସରରେ ଗ୍ରାମୀଣ ବିକାଶ ବିଭାଗର ଜୁନିଅର ଇଞ୍ଜିନିୟର ବେହେରା ବାବୁ, ସରପଞ୍ଚ ବିରୁଆଁ ସୁମନ୍ତ କୁମାର ଦାସ, ସମିତି ସଭ୍ୟା ଅଞ୍ଜନା ନାଥ, ମଣ୍ଡଳ ସଭାପତି ରଘୁନାଥ ପରିଡ଼ା, ଶୁଭ୍ରଜିତ ବାରିକ, ଗଜେନ୍ଦ୍ର ଦାସ, ନାଏବ ସରପଞ୍ଚ ବିନୋଦ କୁମାର ଦାସ, ଆଦିତ୍ୟ ବାରିକ, ହରେକୃଷ୍ଣ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



## ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ



ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ପବିତ୍ର କାଳୀପୂଜା ଓ ଦୀପାବଳି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ସମସ୍ତଙ୍କ ଭିତରୁ ନାଶ କରିଦିଅନ୍ତୁ ଈର୍ଷା ଓ ଅସୂୟା, ଭରିଦିଅନ୍ତୁ ଆନନ୍ଦ ଓ ଶାନ୍ତି, ଏତିକି କାମନା।

ସୁଧାଂଶୁ ଶେଖର ପରିଡ଼ା
ପୂର୍ବତନ ବିଧାୟକ, ରେମୁଣା,ବାଲେଶ୍ୱର

## ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ



ଉମାକାନ୍ତ ମହାପାତ୍ର
ପୂର୍ବତନ ଜିଲ୍ଲା ବିଜେପି ସଭାପତି, ବାଲେଶ୍ୱର

ଆଲୋକର ପର୍ବ ଦୀପାବଳୀ ଓ କାଳୀପୂଜା ଅବସରରେ ବାଲେଶ୍ୱରର ପ୍ରତ୍ୟେକ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ଆଲୋକର ପର୍ବ ସମସ୍ତଙ୍କ ପାଇଁ ଆଣିଦେଉ ସୁଖ ଓ ଶାନ୍ତି।

## ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ



ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ପବିତ୍ର କାଳୀପୂଜା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ସମସ୍ତଙ୍କ ଭିତରୁ ନାଶ କରିଦିଅନ୍ତୁ ଈର୍ଷା ଓ ଅସୂୟା, ଭରିଦିଅନ୍ତୁ ଆନନ୍ଦ ଓ ଶାନ୍ତି। ଏତିକି ହିଁ ମା'ଙ୍କ ନିକଟରେ ପ୍ରାର୍ଥନା

ଈଶ୍ୱର ଚନ୍ଦ୍ର ବେହେରା
ଜିଲ୍ଲା ବିଜେପି ସଭାପତି, ବାଲେଶ୍ୱର

## ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ




ଧୀରେନ୍ଦ୍ର କୁମାର ଜଟାନିଆ
ବଚୁଲାଲ୍ ଏଣ୍ଡ ସନ୍ସ
ମୋତିଗଞ୍ଜ ବାଲେଶ୍ୱର

ପବିତ୍ର କାଳୀପୂଜା ଓ ଦୀପାବଳି ଅବସରରେ ବଚୁଲାଲ ଏଣ୍ଡ ସନ୍ସ ତରଫରୁ ବାଲେଶ୍ୱରର ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ବାଚୁଲାଲ ଏଣ୍ଡ ସନ୍ସ ଲୁଗା ଦୋକାନରେ ସମସ୍ତ ଲୁଗା ସାମଗ୍ରୀ ପାଇକାରି ଓ ସୁଲଭ ମୂଲ୍ୟରେ ବିକ୍ରୟ କରାଯାଏ ।

# ଡଃ ବିଜୟ ଦେଙ୍କର 'ଗ୍ଲିମ୍ପସେସ୍ ଅଫ୍ ଇଣ୍ଡିଆନ୍ ଇକନୋମି' ଉନ୍ମୋଚିତ

ବାଲିଆପାଳ , ୧୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସ୍ଥିତ ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ଅକ୍ଟୋବର ୧୯ ତାରିଖ ରବିବାର ଦିନ ପରିଷଦର ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଡଃ ବିଜୟ କୁମାର ଦେଙ୍କ ରଚିତ ଇଂରାଜୀ ପୁସ୍ତକ 'ଗ୍ଲିମ୍ପସେସ୍ ଅଫ୍ ଇଣ୍ଡିଆନ୍ ଇକନୋମି' ଉନ୍ମୋଚିତ ହୋଇ ଯାଇଛି। ନିକଟସ୍ଥ ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିବା ଡଃ ବିଜୟ ଜଣେ ଅର୍ଥନୀତି ବିଶାରଦ । ଗ୍ଲିମ୍ପସେସ୍ ଅଫ୍ ଇଣ୍ଡିଆନ୍ ଇକନୋମି ବା ଭାରତୀୟ ଅର୍ଥନୀତିର ବିହଙ୍ଗାବଲୋକନ ପୁସ୍ତକରେ ଭାରତ ଓ ଓଡ଼ିଶାର ଦାରିଦ୍ର୍ୟ, ପ୍ରାକୃତିକ ବିପର୍ଯ୍ୟୟ, ବେକାରୀ, ଜନସଂଖ୍ୟା ବୃଦ୍ଧି, ଶିଶୁ ଶ୍ରମିକ ସମସ୍ୟା ଭଳି ସମସ୍ୟା ଗୁଡ଼ିକ ମଧ୍ୟରେ ଦେଶ ବା ରାଜ୍ୟର ଆର୍ଥିକ ସ୍ଥିତି ଉପରେ ସମ୍ୟକ ଆଲୋକପାତ କରିଥିବା ସମୟରେ ଚାଣକ୍ୟ ଓ ଅଶୋକଙ୍କଠୁ ନେଇ ମହାତ୍ମା ଗାନ୍ଧୀ ଓ ବର୍ତ୍ତମାନର ଭାରତୀୟ ଯୋଜନା ମାନଙ୍କ ମାଧ୍ୟମରେ ତା'ର ସମାଧାନ ଆଡ଼କୁ ମଧ୍ୟ ସାମାନ୍ୟ ଦୃଷ୍ଟିପାତ କରିଛନ୍ତି। ଏହି ପୁସ୍ତକ ପୂର୍ବରୁ ଓଡ଼ିଆରେ ଆହୁରି ୬ ଟି ପୁସ୍ତକ ଡଃ ଦେଙ୍କର ଅତୀତରେ ପ୍ରକାଶିତ ହୋଇ ସାରିଛି । ଏହି ଉନ୍ମୋଚନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ସାହିତ୍ୟ ସଂସଦର ସଭାପତି ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇଥିବା ସମୟରେ ଅବସର ପ୍ରାପ୍ତ ଏ ବି ଇ ଓ ତଥା ବିଶିଷ୍ଟ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ଡଃ ବଙ୍କିମ ଚନ୍ଦ୍ର ଜେନା ଓ ବର୍ଷୀୟାନ ସଦସ୍ୟ ଚିତ୍ତରଞ୍ଜନ ଦାସ ଏହି ଅବସରରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରିଷଦର ଅନ୍ୟାନ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ଅନେକ ସଦସ୍ୟ ମଧ୍ୟ ଏହି ସମାବେଶରେ ଅଂଶ ଗ୍ରହଣ କରିଥିଲେ।

## ଦୀପାବଳି ଓ କାଳୀପୂଜାର ଅଭିନନ୍ଦନ



ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' କାଳୀ ସମସ୍ତଙ୍କ ଭିତରୁ ହିଂସା, କ୍ରୋଧ ଓ ଅସୂୟାକୁ ଦୂର କରି ସମସ୍ତଙ୍କ ମନରେ ଭରିଦିଅନ୍ତୁ ଆନନ୍ଦ ଓ ଉଲ୍ଲାସ। ଏହି ପବିତ୍ର ଦିବସ ଅବସରରେ ମା'ଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା, ସମସ୍ତେ ସୁଖ ଓ ଶାନ୍ତିରେ ଜୀବନ ବିତାନ୍ତୁ।

ସରୋଜ ଦାସ
ଯୁବକବି, ବାଲିଆପାଳ, ବାଲେଶ୍ୱର

# ବଧିର ଖେଳାଳିମାନଙ୍କ ପାଇଁ ବହୁ-କ୍ରୀଡା ପ୍ରତିଯୋଗିତା ଆନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଦ୍ୱାରା ଅନୁମୋଦିତ



ବାଲେଶ୍ୱର, ୧୯/୧୦ (ନି.ପ୍ର): ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ଖେଳଗୁଡ଼ିକ ପାରମ୍ପରିକ ଅଲିମ୍ପିକ୍ସଠାରୁ ଭିନ୍ନ କାରଣ ଏଥିରେ ଶ୍ରବଣ ସଙ୍କେତ ବଦଳରେ ଦୃଶ୍ୟ ସଙ୍କେତ ବ୍ୟବହାର କରାଯାଏ। ଅତ୍ୟନ୍ତ ଗର୍ବର ବିଷୟ ଏହିକି ଯେ ଆମ ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ନୁଆପୁର ବାସିନ୍ଦା ୨୧ ବର୍ଷୀୟ ସମ୍ବୀତ ଦାସ ୨୦୨୬ ମସିହାରେ ଜାପାନ ଟୋକିଓରେ ହେବାକୁ 'ବଧିର ଅଲିମ୍ପିକ୍ସ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହା ପୂର୍ବରୁ ସେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ନିକଟରେ ଏସିଆନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚମ୍ପିୟାନ ହୋଇଛନ୍ତି। ଏହି ଅବସରରେ ଆଜି କ୍ରୀଡ଼ାବିତ୍ (ଜୁଡ଼ୋ) ସମ୍ବୀତ ଦାସଙ୍କ ବାଲେଶ୍ୱର ସର୍କିଟ ହାଉସ ଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଓ ସମସ୍ତ ପ୍ରକାରର ସହାୟତାର ହାତ ବଢ଼ାଇଛନ୍ତି।

# ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ

ବୈଶିଙ୍ଗା , ୧୯/୧୦ (ନି.ପ୍ର): ଦୀପାବଳୀ ବଜାର ରେ ଦେଶୀ ମଦ ବ୍ୟବସାୟ କରିବା ପାଇଁ ଚୋରା ମଦ ବେପାରୀ ମାନେ ଚଳାଇଥିବା ତାଙ୍କର ମଦ ରନ୍ଧା କାର୍ଯ୍ୟକୁ ବେତନଟୀ ଅବକାରୀ ବିଭାଗ ପାଣି ଫୋଟକା ସଜେଇ ଦେଇଛନ୍ତି !ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁର ଙ୍କ ନିର୍ଦ୍ଦେଶରେ ଉଦଳା ର ଅବକାରୀ ମୋବାଇଲ ଇନିସପେକଟର ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା ଓ ମୋବାଇଲ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧୭୮୦୦ କେଜି ପୋଚ ଏବଂ ୧୬୮୦ ଲିଟର ରନ୍ଧା ମଦ ଜବତ କରିଥିବା ଜଣାଯାଇଛି ।ଏହି ଅବକାରୀ ଥାନା ଅନ୍ତର୍ଗତ ଯଦୁନାଥପୁର, ଅସ୍ତଝରଣ, ରାଉତରାପୁର ଓ ମଧୁପୁରା ଅଞ୍ଚଳରୁ ଏହି ପୋଚ ଓ ରନ୍ଧା ମଦ ଜବତ କରାଯାଇଥିଲେ ମଧ୍ୟ ଅଭିଯୁକ୍ତ ମାନେ କୌଶଳ କ୍ରମେ ଖସି ଯାଇଥିବା ଅବକାରୀ ଅଧିକାରୀ ପ୍ରକାଶ କରିଥିଲେ ।

# ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ଓ ଆଗଧାଡ଼ିର ଯାତ୍ରା କଳାକାର ସ୍ୱର୍ଗତ ପ୍ରଶାନ୍ତ କୁମାର ପାଢ଼ୀଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର , ୧୯/୧୦ (ନି.ପ୍ର): ସଦର ବ୍ଲକ କୁରୁଡ଼ା ଛକ ଠାରେ ଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ ସଂଗଠନ ଗୃହରେ ସଭାପତି କମଳ କୁମାର ରାଉତଙ୍କ ସଭାପତିତ୍ୱରେ ବାର୍ଷିଆନ ଯାତ୍ରା କଳାକାର ତଥା ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସ୍ୱର୍ଗତ ପ୍ରଶାନ୍ତ କୁମାର ପାଢ଼ୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର କର୍ମକର୍ତ୍ତା ଓ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ସର୍ବଶ୍ରୀ ରଞ୍ଜନ କୁମାର ଦାସ, ଅଶ୍ୱିନୀ କୁମାର ଦାଶ, ସୁଧାକର ରାଉତ, ସଂଜୀବ ପ୍ରଧାନ, ମହେଶ ପାଣି, ସଂଜୀବ ନାୟକ, ବିଶ୍ୱନାଥ ସିଂ, ବଲୁ ସିଂ ପ୍ରମୁଖ ସ୍ମୃତି ଚାରଣ କରିବା ସହ ଆମର ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ପାଢ଼ି ଜଣେ ଆଞ୍ଚଳିକ ଯାତ୍ରା ଅନୁଷ୍ଠାନରେ ସଫଳ ଲୋକପ୍ରିୟ ଅଭିନେତା ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ , ଖଳନାୟକ ହେଉକି ଅନ୍ୟ ଚରିତ୍ର ନିଖୁଣ ଅଭିନୟ ଦର୍ଶକ ହୃଦୟକୁ ବାନ୍ଧିରଖିଥାନ୍ତି। ସେଦିନ ଅଶୁଭ ଅକଟୋବର ନଅ ସବୁକିଛି ବିଗାଡି ଦେଇଥିଲା ଘରୁ ନିଜ ବୁଲେଟରେ ଜୀବନର ଶେଷ ନାଟକ ଅଭିନୟ କରିବାକୁ



ବାହାରିଥିଲେ,ଯାତ୍ରା ଅବଧି ଥିଲା ବାଲେଶ୍ୱରରୁ ଠାକୁରମୁଣ୍ଡା ସବୁକିଛି ରହିଗଲା ଅଧା ମର୍ମନ୍ତୁଦ ଦୁର୍ଘଟଣାର ଜନିତ ମୃତ୍ୟୁ ସମସ୍ତଙ୍କୁ କରିଦେଇଛି ସ୍ତବ୍ଧ,ନିର୍ବିପାକ ଆଜି ପର୍ଯ୍ୟନ୍ତ ବିଶ୍ୱାସ କରି ହେଉନି ବୋଲି ଅଶ୍ରୁଳ ନୟନରେ କଥା ରଖିଥିଲେ ଯୁବ ସାମାଜିକ କର୍ମୀ ରଞ୍ଜନ ଦାସ। ଏମିତି ବିରଳ ବହୁମୁଖୀ ବ୍ୟକ୍ତିତ୍ୱ ମିଳିବା ସହଜ ନୁହେଁ, ଜଣେ ଭଲ ମଣିଷ ଭାବରେ ସମସ୍ତଙ୍କର ପ୍ରିୟଥିଲେ। ମୂଳଘର ବଡକିଆରୁ ଆସି କିଛି ବର୍ଷ ଧରି ହରିଡ଼ାଗ୍ରାମରେ ଘରକରି ବସବାସ କରି ଆସୁଥିଲେ। ଯାତ୍ରା ଅଭିନୟ ପ୍ରତି ସମର୍ପଣ ଭାବ ସମସ୍ତଙ୍କ ଠାରେ ପରିଚିତି ଆଣିଦେଇଥିଲା , ତାଙ୍କର ସଂଳାପ ଥରେ ଯିଏ ଶୁଣିଛି, ତାଙ୍କୁ ସବୁଦିନେ ମନେରଖିଛି। ବିଭିନ୍ନ ଯାତ୍ରା ଦଳରେ ଅଭିନୟ କରିଥିବା ସହ, ସମ୍ପ୍ରତି କଳିଙ୍ଗ ଦରବାର ଯାତ୍ରା ଦଳରେ ଅଭିନନ୍ଦନ କରୁଥିଲେ। ଅବସର ସମୟରେ ସାମାଜିକ କର୍ମରେ ନିଜକୁ ମଧ୍ୟ ନିୟୋଜିତ କରୁଥିଲେ। ସୂଚନାଧିକାରକର୍ମୀ ହିସାବରେ ମଧ୍ୟ ବେଶ ସୁନାମ ଆଣିଥିଲେ , କୁରୁଡ଼ା ଦୁର୍ଗାପୂଜା କମିଟି, କୁରୁଡ଼ା ମହୋତ୍ସବ କମିଟି, ଆଞ୍ଚଳିକ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଆଗଭର ହୋଇ କାମ କରିବା ସବୁଦିନେ ମନେ ରହିବ ବାଷ୍ପରୁଧ କଣ୍ଠରେ ଅଶ୍ୱିନୀ କୁମାର ଦାଶ ଜଣାଇଥିଲେ। ଜୀବନର ଶେଷ ନାଟକ ଦେଖିପାରିଲେ ନାହିଁ ଠାକୁର ମୁଣ୍ଡାର ଯାତ୍ରା ପ୍ରେମୀ, ଯାଉଥିବା ବେଳେ କୌଣସି କାରଣରୁ ନିଜେ ଚଳାଉଥିବା ବୁଲେଟରୁ ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସହଯୋଗୀ ଯାତ୍ରାକଳାକାର ଓ ସ୍ଥାନୀୟ ଗ୍ରାମବାସୀ ମନେ ନିକଟସ୍ଥ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଓ ପରେ ବାଲେଶ୍ୱରରେ ଚିକିତ୍ସା କରିଥିଲେ । ହେଲେ ଭାଗ୍ୟର ଥିଲା ଅନ୍ୟ ସଂକେତ, ବାର ତାରିଖ ଏକ ଘଟିକାରେ ଆମସମସ୍ତଙ୍କୁ ଛାଡି ଚାଲିଗଲେ । ସେ ଭଳି ମେଳାପୀ, ସମାଜ ପ୍ରତି ଉତ୍ସର୍ଗୀକୃତ ମଣିଷ, ଉଚ୍ଚକୋଟୀର ଅଭିନେତା ଆମ ଅଞ୍ଚଳରେ ମିଳିବା ସହଜ ନୁହେଁ କହୁକହୁ ଚୁପ ହୋଇଗଲେ ସଂଜୀବ ନାୟକ, ଏମିତି ମୃତ୍ୟୁ ସହଜେ ବିଶ୍ୱାସ କରିହେଉନି। ତାଙ୍କ ବିୟୋଗ ସମାଜରେ ଅପୂରଣୀୟ କ୍ଷତି ହୋଇଛି,ଭରଣ ସମ୍ଭବ ନୁହେଁ ଜଣାଇଛନ୍ତି ସଭାପତି ଶ୍ରୀ ରାଉତ।

# ନୀଳଗିରି ରକ୍ତଦାତା ସଂଘର ଜରୁରୀ ବୈଠକ

ନୀଳଗିରି, ୧୯/୧୦ (ନି.ପ୍ର): ନୀଳଗିରି ବ୍ଲଡବ୍ୟାଙ୍କରେ ଟେକ୍ନିସିଆନ୍ ପଦବୀ ପୂରଣପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ନୀଳଗିରି ଉପଜିଲ୍ଲାପାଳ ଙ୍କୁ ଦାବୀପତ୍ର ଦିଆଯିବା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନୀଳଗିରି ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ମଧ ଦାବୀପତ୍ର ଦିଆଯାଇଥିଲା। ସାତଦିନ ଭିତରେ ଦାବୀ ପୂରଣ ନହେଲେ ସଂଘପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବବୋଲି ମଧ




ଘୋଷଣା କରାଯାଇଥିଲା। ଜିଲ୍ଲା ଚିକିତ୍ସାଅଧିକାରୀ ଦୁଇଦିନ ଭିତରେ ଟେକ୍ନିସିଆନ୍ ପଦବୀ ପୂରଣ କରାଯିବବୋଲି ସୂଚନା ଦେଇଥିଲେ। କିନ୍ତୁ ଏଯାବତ ଏହି ପଦବୀ ପୂରଣ ହୋଇନାହିଁ। ଫଳରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସେଥିପାଇଁ ଆଜି ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ଉକ୍ତ ବୈଠକରେ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ,ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ଅମରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦଲେଇ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର୩୦ ତାରିଖ ଠାରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଦାବୀପୂରଣ ପର୍ଯ୍ୟନ୍ତ ସଂଘପକ୍ଷରୁ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଥିବା ସଂଘର ସମ୍ପାଦକ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଆମ ମାତୃଭାଷା ପରିଷଦର ଗର୍ଭଣା ସଂକ୍ରାନ୍ତି ଆସର: 'ସୁକର୍ମ ସୁପଥ' କବିତା ସଙ୍କଳନ ଉନ୍ମୋଚିତ

ଭଦ୍ରକ, ୧୯/୧୦ (ନି.ପ୍ର): ଆମ ମାତୃଭାଷା ପରିଷଦର ଗର୍ଭଣା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା କବି ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ପୌରହିତ୍ୟରେ ଅଧ୍ୟାପକ ସୁରଞ୍ଜନ ପଣ୍ଡା ଆସରକୁ ଉଦ୍ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ କରିଥିଲେ। କବି ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ "ସୁକର୍ମ ସୁପଥ" କବିତା ସଙ୍କଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକକୁ କବୟିତ୍ରୀ ମମତା ରାଣୀ ଦାଶମିଶ୍ର ସମୀକ୍ଷା କରି ପ୍ରାୟ ସମସ୍ତ କବିତା ଜୀବନ ଦର୍ଶନ ଉପରେ ଆଧାରିତ ବୋଲି ମତ ପ୍ରକାଶ କରିଥିଲେ। ଆମ ସାହିତ୍ୟ ଓ




ସଂସ୍କୃତିରେ ଦୀପାବଳି ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଶିକ୍ଷାବିତ୍, ସମାଜସେବୀ ଓ ସାମ୍ବାଦିକ ରାମନାରାୟଣ ନାୟକ, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ କବି ମନୋରମା ଆଚାର୍ଯ୍ୟ, ସମ୍ମାନନୀୟ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ଶିକ୍ଷାବିତ୍ ସାମ୍ବାଦିକ ଜଗନ୍ନାଥ ନାୟକ, ପ୍ରାକ୍ତନ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ସମାଜସେବୀ ଲକ୍ଷ୍ମଣ କୁମାର ମହାନ୍ତି ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ପରିଶ ଚନ୍ଦ୍ର ଦାସ ପ୍ରମୁଖ ଦୀପାବଳି ଉତ୍ସବ ଅନ୍ଧାର ଉପରେ ଆଲୋକର ବିଜୟ ତଥା ସମୃଦ୍ଧି ଓ ଆନନ୍ଦର ପର୍ବ, ନୂତନତାର ଉଁସି ଆଣି ଦିଏ ଦୀପାବଳି। ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା ଓ ବିଜୟଶ୍ରୀ ଗୋକୁଳାନନ୍ଦ ରାଉତଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବିଜୟ କୁମାର ବହଳୀ, ପଲ୍ଲବୀ ମହାପାତ୍ର, ମନୋରମା ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ସୁରଞ୍ଜନ ପଣ୍ଡା, ପାଲାଗାୟକ ସୁବାସ ଚନ୍ଦ୍ର ବଳ, ଅଧିବକ୍ତା ମନୋରଞ୍ଜନ ଦାସ, ରମାକାନ୍ତ ପାଳ, ଅଂଶୁମାନ ସ୍ୱାଇଁ, ମୋନାଲିସା ସାହୁ, ଇଂ. ଉତ୍ତମ ମହାନ୍ତି, ପୀତାମ୍ବର ଦାଶ,ରମେଶ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ବିପ୍ଳବ କୁମାର ହୋତା, ସୁରେଶ କୁମାର ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କବି ସରୋଜିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।'

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida